୦୬ ସେପ୍ଟେମ୍ବର ୨୦୨୬ ରବିବାର





**ଆର୍ଜେଣ୍ଟିନା ସୁପରଷ୍ଟାର ଲିଓନେଲ ମେସି ଅନ୍ତର୍ଜାତୀୟ ଫୁଟବଲରୁ ଅବସର ନେଇଛନ୍ତି । ତାଙ୍କୁ ଆଉ ଆର୍ଜେଣ୍ଟିନା ଜର୍ସିରେ ଦେଖିବାକୁ ମିଳିବ ନାହିଁ । ବିଶ୍ୱ ଫୁଟବଲରେ ଜଣେ ମହାନ ତାରକା ଭାବେ ପରିଚିତ ମେସି ତାଙ୍କ କ୍ୟାରିୟରରେ ଫିଫା ବିଶ୍ୱକପ, କୋପା ଆମେରିକା ସହ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ସେ ୮ ଥର ସମ୍ମାନଜନକ ବାଲୋନ ଡି'ଅର ପୁରସ୍କାର ଜିତିବାରେ ଗୌରବ ଅର୍ଜନ କରିବାରେ ପ୍ରଥମ ଖେଳାଳି । ଅଚାନକ ମେସିଙ୍କ ଅବସର ଘୋଷଣା ଅନ୍ତର୍ଜାତୀୟ ଫୁଟବଲରେ ଏକ ଯୁଗର ଅବଦ ଅବସାନ ଘଟିଛି । ଅନନ୍ୟ ପ୍ରତିଭାର ଅଧିକାରୀ ମେସିଙ୍କୁ ସମୟର ସଲାମ...**

ଫୁଟବଲ୍ ଦୁନିଆରେ ଏମିତି କିଛି ନାଁ ଅଛି, ଯାହା ଜଣେ ଖେଳାଳିଙ୍କ ପରିଚୟକୁ ଏକ ଯୁଗର ପରିଚୟ ଦେଇଛି। ଫୁଟବଲ ଜଗତରେ ମଧ୍ୟ ଲିଓନେଲ ମେସି ସମସ୍ତଙ୍କଠାରୁ ଭିନ୍ନ ତଥା ସ୍ୱତନ୍ତ୍ର। ଅସାଧାରଣ ପ୍ରତିଭା, ଅଦମ୍ୟ ପରିଶ୍ରମ, ଅନେକ ବାଧା ଓ ହାର ନମାନିବାର ମନୋଭାବ ତାଙ୍କୁ ସର୍ବଶ୍ରେଷ୍ଠ ଖେଳାଳିର ଶିଖରରେ ରଖିଛି । ରେକର୍ଡର ପାହାଡ଼ ସୃଷ୍ଟି କରିଥିବା ମେସି ଅନ୍ତର୍ଜାତୀୟ ଫୁଟବଲ୍ ଛାଡ଼ିଛନ୍ତି। ମହାନ ମେସିଙ୍କ ଅନୁପସ୍ଥିତିରେ ଫୁଟବଲ୍ ଦୁନିଆରେ ଏକ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି । ଆର୍ଜେଣ୍ଟିନା ମଧ୍ୟ ତା'ର ସୁଦକ୍ଷ୍ୟ ପ୍ରତିଭାଙ୍କ ସେବାରୁ ବଞ୍ଚିତ ହେବାକୁ ଯାଉଛି। ଆଗକୁ ମେସିଙ୍କ ବିନା ଆର୍ଜେଣ୍ଟିନା ମୈଦାନକୁ ଓହ୍ଲାଇବାକୁ ପ୍ରସ୍ତୁତ ହେଉଛି। ମେସି ସାମାଜିକ ଗଣମାଧ୍ୟମ








ପୋଷ୍ଟରେ ଅବସର ସୂଚନା ଦେବା ପରେ ଫୁଟବଲ୍ ଦୁନିଆ ହତବାକ୍ ହୋଇଯାଇଥିଲା । କେବଳ ଆର୍ଜେଣ୍ଟିନା ନୁହେଁ ସାରା ବିଶ୍ୱର ଫୁଟବଲପ୍ରେମୀ ତାଙ୍କୁ ଆଉ ପଡ଼ିଆରେ ଖେଳୁଥିବାର ଦେଖିବାକୁ ନ ପାଇବାର ଯନ୍ତ୍ରଣା ଭୋଗିବେ ।

୧୯୮୭ ମସିହା ଜୁନ୍ ୨୪ରେ ଆର୍ଜେଣ୍ଟିନାର ରୋଜାରିଓ ସହରରେ ମେସିଙ୍କ ଜନ୍ମ । ପିଲାଦିନରୁ ତାଙ୍କର ଫୁଟବଲ୍ ପ୍ରତି ଅସାଧାରଣ ଆଗ୍ରହ ଥିଲା । ବୟସ କମ୍ ଥିଲେ ମଧ୍ୟ ବଲ୍ ସହ ତାଙ୍କର ନିୟନ୍ତ୍ରଣ ଓ ଡ୍ରିବଲିଂ ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହେଉଥିଲେ । ଛୋଟ ବୟସରେ ତାଙ୍କ ଶରୀରର ବିକାଶ ସମ୍ପର୍କିତ ଏକ ହର୍ମୋନ୍ ସମସ୍ୟା ଚିହ୍ନଟ ହୋଇଥିଲା । ତାଙ୍କ ଚିକିତ୍ସା ପାଇଁ ନିୟମିତ ଭାବେ ଅଧିକ ଖର୍ଚ୍ଚ ଆବଶ୍ୟକ ହେଉଥିଲା । ପରିବାର ପାଇଁ ଏହା ଏକ ବଡ଼ ଆର୍ଥିକ ଚ୍ୟାଲେଞ୍ଜ ଥିଲା । କିନ୍ତୁ ମେସି ଫୁଟବଲ୍ ଛାଡ଼ିଲେ ନାହିଁ । ମେସିଙ୍କ ପ୍ରତିଭା ଶେଷରେ ସ୍ପେନର ପ୍ରସିଦ୍ଧ କ୍ଲବ୍ ବାର୍ସିଲୋନାର ନଜରକୁ ଆସିଥିଲା । ମାତ୍ର ୧୩ ବର୍ଷ ବୟସରେ ସେ ପରିବାର ସହ ଆର୍ଜେଣ୍ଟିନା ଛାଡ଼ି ସ୍ପେନ୍ ଚାଲିଯାଇଥିଲେ । ଏହା ତାଙ୍କ ଜୀବନର ଏକ ବଡ଼ ମୋଡ଼ ଥିଲା । ନୂଆ ଦେଶ, ନୂଆ ଭାଷା, ନୂଆ ପରିବେଶ ସବୁକିଛି ତାଙ୍କ ପାଇଁ ଅଜଣା ଥିଲା । ତଥାପି ମେସିଙ୍କ ଲକ୍ଷ୍ୟ ଥିଲା ଫୁଟବଲରେ ନିଜକୁ ପ୍ରମାଣ ଓ ପ୍ରସିଦ୍ଧ କରିବା । ବାର୍ସିଲୋନାର ଯୁବ ଏକାଡେମୀ ଲାଦ ମାସିଆରେ ତାଙ୍କର ବିକାଶ ଆରମ୍ଭ ହେଲା । ଧୀରେ ଧୀରେ ତାଙ୍କର ପ୍ରତିଭା ସାରା ବିଶ୍ୱର ନଜରକୁ ଆସିଲା ।

୨୦୦୪ ମସିହାରେ ମେସି ବାର୍ସିଲୋନାର ପ୍ରଥମ ଦଳ ପାଇଁ ପଦାର୍ପଣ କରିଥିଲେ । ସେତେବେଳେ କେହି ଭାବିନଥିଲେ ଯେ ଏହି ଛୋଟ ଶରୀରର ଯୁବକ ଦିନେ ଫୁଟବଲରେ ଇତିହାସ ବଦଳାଇଦେବେ । ତାଙ୍କର ଅଦ୍ଭୁତ ଡ୍ରିବଲିଂ, ବଲ୍ ନିୟନ୍ତ୍ରଣ, ପାସ୍ ଓ ଗୋଲ୍ କରିବାର କ୍ଷମତା ତାଙ୍କୁ ଶୀଘ୍ର ବାର୍ସିଲୋନାର ମୁଖ୍ୟ ତାରକାରେ ପରିଣତ କରିଥିଲା । ବାର୍ସିଲୋନା ପାଇଁ ସେ ଅନେକ ଲା-ଲିଗା ଓ ଚାମ୍ପିଅନ୍ସ ଲିଗ୍ ଟାଇଟଲ୍ ଜିତିଥିଲେ । ବ୍ୟକ୍ତିଗତ ସ୍ତରରେ ମଧ୍ୟ ସେ ରେକର୍ଡ ପରେ ରେକର୍ଡ ଭାଙ୍ଗିଥିଲେ । କ୍ଲବ୍ ଫୁଟବଲରେ ଅସାଧାରଣ ସଫଳତା ହାସଲ କରିଥିଲେ ମଧ୍ୟ ଆର୍ଜେଣ୍ଟିନା ଜାତୀୟ ଦଳ ପାଇଁ ମେସିଙ୍କ ଯାତ୍ରା ଅନେକ ସମୟରେ ଯନ୍ତ୍ରଣାଦାୟକ ଥିଲା । କୋପା ଆମେରିକା ଓ ବିଶ୍ୱକପର ଏକାଧିକ ଫାଇନାଲରେ ପରାଜୟ ତାଙ୍କୁ ଗଭୀର ଭାବେ ନିରାଶ କରିଥିଲା । ୨୦୧୪ ବିଶ୍ୱକପ୍ ଫାଇନାଲରେ ଜର୍ମାନୀ ବିପକ୍ଷରେ ଆର୍ଜେଣ୍ଟିନାର ପରାଜୟ ତାଙ୍କ କ୍ୟାରିୟରର ସବୁଠାରୁ ବଡ଼ ଦୁଃଖଦ ମୁହୂର୍ତ୍ତମାନଙ୍କ ମଧ୍ୟରୁ ଗୋଟିଏ ଥିଲା । ୨୦୧୬ରେ କୋପା ଆମେରିକା ଫାଇନାଲରେ ହାରିବା ପରେ ମେସି ଆନ୍ତର୍ଜାତୀୟ ଫୁଟବଲରୁ ଅବସର ନେବା କଥା ମଧ୍ୟ ଘୋଷଣା କରିଥିଲେ । କିନ୍ତୁ ତାଙ୍କ ଦେଶ ଓ ପ୍ରଶଂସକଙ୍କ ଭଲପାଇବା ତାଙ୍କୁ ପୁଣି ମଇଦାନକୁ ଫେରାଇ ଆଣିଥିଲା । ୨୦୨୧ରେ ସେ ଆର୍ଜେଣ୍ଟିନା ପାଇଁ କୋପା ଆମେରିକା ଜିତିଥିଲେ । ଏହା ତାଙ୍କ ପ୍ରଥମ ବଡ଼ ବରିଷ୍ଠ ସ୍ତରୀୟ ଅନ୍ତର୍ଜାତୀୟ ଟ୍ରଫି ଥିଲା । କିନ୍ତୁ ମେସିଙ୍କ ସବୁଠାରୁ ବଡ଼ ସ୍ୱପ୍ନ ଏବେ ବି ବାକି ଥିଲା । ତାହା ହେଉଛି ବିଶ୍ୱକପ୍ ବିଜୟର ସଫଳତା । ୨୦୨୨ କତର ବିଶ୍ୱକପରେ ମେସି ନିଜ ଦଳକୁ ଫାଇନାଲ୍ ପର୍ଯ୍ୟନ୍ତ ନେଇଥିଲେ । ଫାଇନାଲରେ ଫ୍ରାନ୍ସ ବିପକ୍ଷରେ ରୋମାଞ୍ଚକର ମ୍ୟାଚରେ ଆର୍ଜେଣ୍ଟିନା ପେନାଲଟି ସୁଟଆଉଟରେ ବିଜୟୀ ହେଲା । ଯେଉଁ ଟ୍ରଫି ପାଇଁ ସେ ବର୍ଷ ବର୍ଷ ଅପେକ୍ଷା କରିଥିଲେ, ଯେଉଁ ସ୍ୱପ୍ନ ପାଇଁ ଅନେକ ହାର ଓ ସମାଲୋଚନା ସହିଥିଲେ, ଶେଷରେ ସେହି ସ୍ୱପ୍ନ ସତ ହୋଇଥିଲା ।

ମେସିଙ୍କ କ୍ୟାରିୟରରେ ରହିଛି ଅସଂଖ୍ୟ ଟ୍ରଫି ଓ ବ୍ୟକ୍ତିଗତ ପୁରସ୍କାର । ସେ ୮ ଥର ବାଲନ ଡି'ଓର ପୁରସ୍କାର ଜିତି ବିଶ୍ୱ ଫୁଟବଲରେ ଶ୍ରେଷ୍ଠ ବ୍ୟକ୍ତିଗତ ସମ୍ମାନ ଉପରେ ନିଜର ଦବଦବା ପ୍ରମାଣ କରିଛନ୍ତି । ବାର୍ସିଲୋନା, ପ୍ୟାରିସ୍ ସେଣ୍ଟ-ଜର୍ମେନ୍ ଓ ଇଣ୍ଟର ମାୟାମି ପାଇଁ ଖେଳିବା ସହ ଆର୍ଜେଣ୍ଟିନାକୁ ମଧ୍ୟ ବଡ଼ ବଡ଼ ସଫଳତା ଦେଇଛନ୍ତି । ମେସିଙ୍କ କାହାଣୀ କେବଳ ଫୁଟବଲରେ କାହାଣୀ ନୁହେଁ । ଏହା ସଂଘର୍ଷ, ଧୈର୍ଯ୍ୟ ଓ ସ୍ୱପ୍ନକୁ ଧରି ରଖିବାର କାହାଣୀ । ସେ ତାଙ୍କ କୋଟି କୋଟି ପ୍ରଶଂସକଙ୍କୁ ଶିଖାଇଛନ୍ତି ପ୍ରତିଭା ପ୍ରାରମ୍ଭିକ ସଫଳତା ଦେଇପାରେ, କିନ୍ତୁ ସଂଘର୍ଷ, ପରିଶ୍ରମ ଓ ହାର ନମାନିବାର ମନୋଭାବ ହିଁ ଆପଣଙ୍କୁ ଶିଖରରେ ପହଞ୍ଚାଏ । ୩୯ ବର୍ଷୀୟ ମେସି ଆର୍ଜେଣ୍ଟିନା ପକ୍ଷରୁ ୨୦୭ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ୧୨୫ ଗୋଲ୍ ଦେଇଛନ୍ତି । ମାତ୍ର ୧୮ ବର୍ଷ ବୟସରେ ୨୦୦୫ରେ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରି ଦୁଇ ଦଶନ୍ଧିରୁ ଅଧିକ ସମୟ ହେବ ସେ ଫୁଟବଲପ୍ରେମୀଙ୍କୁ ନିଜ ଯାଦୁରେ ବାନ୍ଧି ରଖିଥିଲେ ।

ଚଳିତ ବର୍ଷର ବିଶ୍ୱକପ୍ ଫାଇନାଲ୍ ପରେ ପରେ ମେସି ନିଜ ଅବସରକାଳୀନ ଲେଖା ଲେଖି ସାରିଥିଲେ । ହେଲେ ପିତା ଜର୍ଜ ମେସିଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ଥିବାରୁ ଏହାକୁ ପ୍ରକାଶ କରିନଥିଲେ । ପିତାଙ୍କ ପରଲୋକ ପରେ କିନ୍ତୁ ସେ ଏହାକୁ ସାର୍ବଜନୀନ






# ଅସମ୍ଭବ ମେସିଙ୍କ ଏହି ୩ଟି ରେକର୍ଡ

ଫୁଟବଲ୍ ଜଗତର ଅନ୍ୟତମ ଶ୍ରେଷ୍ଠ ଯାଦୁଗର ଲିଓନେଲ ମେସି ଅନ୍ତର୍ଜାତୀୟ ଫୁଟବଲରୁ ସନ୍ନ୍ୟାସ ନେଇ ସାରା ବିଶ୍ୱର ପ୍ରଶଂସକଙ୍କୁ ସ୍ତବ୍ଧ କରିଦେଇଛନ୍ତି । ନିଜର ୨୧ ବର୍ଷର ଦୀର୍ଘ ଅନ୍ତର୍ଜାତୀୟ କ୍ୟାରିୟରରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ଏହି ଆର୍ଜେଣ୍ଟାଇନ୍ କିମ୍ବଦନ୍ତୀ । ନିଜର ଅସାଧାରଣ ଖେଳ ଶୈଳୀରେ ସେ ଏପରି କିଛି ଅପ୍ରତିଦ୍ୱନ୍ଦୀ ରେକର୍ଡ ନିଜ ନାମରେ କରିଛନ୍ତି, ଯାହାକୁ ଆଗାମୀ ଦିନରେ କୌଣସି ଖେଳାଳି ଭାଙ୍ଗିବା ପ୍ରାୟତଃ ଅସମ୍ଭବ ବୋଲି କୁହାଯାଉଛି ।

## ୮ ଥର ବାଲୋନ୍ ଡିଓର୍ ବିଜେତା

ଫୁଟବଲ ବିଶ୍ୱର ସବୁଠାରୁ ପ୍ରତିଷ୍ଠିତ ସମ୍ମାନ ବାଲୋନ୍ ଡିଓର୍ ସବୁଠାରୁ ଅଧିକ ଥର ଜିତିବାର ବିଶ୍ୱ ରେକର୍ଡ ମେସିଙ୍କ ନାମରେ ରହିଛି । ସେ ନିଜ କ୍ୟାରିୟରରେ ରେକର୍ଡ ୮ ଥର ଏହି ଟ୍ରଫି ହାତେଇଛନ୍ତି । ଫୁଟବଲ ଇତିହାସରେ ସେ ହେଉଛନ୍ତି ଏକମାତ୍ର ଖେଳାଳି, ଯିଏ ଏହି ବିରଳ ସଫଳତା ପାଇଛନ୍ତି ।

## ଗୋଟିଏ କ୍ୟାଲେଣ୍ଡର ବର୍ଷରେ ୯୧ ଗୋଲ୍

ଗୋଟିଏ ବର୍ଷରେ ସବୁଠାରୁ ଅଧିକ ଗୋଲ୍ ଦେବାର ବିଶ୍ୱ ରେକର୍ଡ ମଧ୍ୟ ମେସିଙ୍କ ନାଁରେ ରହିଛି । ୨୦୧୨ ମସିହାରେ ସେ ନିଜ କ୍ଲବ୍ (ବାର୍ସିଲୋନା) ଏବଂ ଦେଶ (ଆର୍ଜେଣ୍ଟିନା) ପାଇଁ ମିଶି ମୋଟ ୯୧ଟି ଗୋଲ୍ ସ୍କୋର କରିଥିଲେ । ଏହି ବିସ୍ମୟକର କୀର୍ତ୍ତିମାନ ପାଇଁ ତାଙ୍କ ନାମ ଗିନିଜ୍ ଓ୍ୱାର୍ଲ୍ଡ ରେକର୍ଡସରେ ରହିଛି ।

## ଲା ଲିଗାରେ ସର୍ବାଧିକ ୪୭୪ ଗୋଲ୍

ବିଶ୍ୱର ପ୍ରସିଦ୍ଧ ଫୁଟବଲ ଲିଗ୍ ଲା ଲିଗାରେ ସର୍ବାଧିକ ୪୭୪ଟି ଗୋଲ୍ କରିବାର କୀର୍ତ୍ତିମାନ ମେସି ସ୍ଥାପନ କରିଛନ୍ତି । ଗୋଲ୍ କରିବା ସହିତ ଏହି ଲିଗରେ ସବୁଠାରୁ ଅଧିକ ଆସିଷ୍ଟ (୧୯୨) କରିବାର ରେକର୍ଡ ମଧ୍ୟ ତାଙ୍କ ନାମରେ ରହିଛି ।

# ଲିଓନେଲ ମେସି

- **ଜନ୍ମ:** ୨୪ ଜୁନ, ୧୯୮୭ (ରୋସାରିଓ ଆର୍ଜେଣ୍ଟିନା)

ଜର୍ସି ନମ୍ବର-୧୦, ପୋଜିସନ୍- ଫରଓ୍ୱାର୍ଡ
ଅନ୍ତର୍ଜାତୀୟ ମ୍ୟାଚ- ୨୦୭, ଗୋଲ-୧୨୫

- **କ୍ଲବ ମ୍ୟାଚ**

ବାର୍ସିଲୋନା:୫୨୦, ଗୋଲ:୪୭୪, ପିଏସଜି: ୫୮, ଗୋଲ: ୨୨
ଇଣ୍ଟର ମାୟାମୀ: ୭୨ ମ୍ୟାଚ୍, ଗୋଲ: ୭୮
କୋପା ଆମେରିକା -୨୦୨୧, ୨୦୨୪
ଫିଫା ଗୋଲଡେନ୍ ବଲ: ୨୦୧୪, ୨୦୨୨
ଫିଫା ବାଲୋନ ଡି ଓର: ୮ ଥର (୨୦୦୯, ୨୦୧୦, ୨୦୧୧, ୨୦୧୨, ୨୦୧୫, ୨୦୧୯, ୨୦୨୧, ୨୦୨୩)

- **ବିଶ୍ୱପକ ପଦାର୍ପଣ ଓ ଗୋଲ**

୨୦୦୬ରେ ମେସି ବିଶ୍ୱକପ ପଦାର୍ପଣ କରିଥିଲେ । ସେତେବେଳେ ତାଙ୍କୁ ୧୮ ବର୍ଷ ବୟସ ହୋଇଥିଲା । ସର୍ବିୟା ବିପକ୍ଷରେ ମ୍ୟାଚ ଖେଳି ୮୮ତମ ମିନିଟରେ ପଦାର୍ପଣ ଗୋଲ ଦେବାରେ ସଫଳ ହୋଇଥିଲେ ।

- **ଜୁନ ୨୦୦୪:** ପାରାଗୁଏ ବିପକ୍ଷରେ ଏକ ୨୦ ବର୍ଷରୁ କମ୍ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚରେ ଆର୍ଜେଣ୍ଟିନା ପକ୍ଷରୁ ଡେବ୍ୟୁ ।
- **ଜୁଲାଇ ୨୦୦୫:** ଆର୍ଜେଣ୍ଟିନାର ୨୦ ବର୍ଷରୁ କମ୍ ଦଳର ସଦସ୍ୟଭାବେ ଫିଫା ଓ୍ୱାର୍ଲ୍ଡୟୁଥ୍ ଚାମ୍ପିୟନଶିପ୍ ବିଜେତା। ଟୁର୍ନାମେଣ୍ଟର ଟପ୍ ସ୍କୋରରଭାବେ ଗୋଲ୍ଡେନ ବୁଟ୍ ହାସଲ ।
- **ଅଗଷ୍ଟ ୨୦୦୫:** ହଙ୍ଗେରୀ ବିପକ୍ଷରେ ସିନିୟର ଅନ୍ତର୍ଜାତୀୟ ପଦାର୍ପଣ । ସବ୍‌ଷ୍ଟିଚ୍ୟୁଟଭାବେ ଆସି ମାତ୍ର ୨ ମିନିଟରେ ରେଡ କାର୍ଡ ପାଇଥିଲେ ।
- **ଜୁନ୨୦୦୬:** ଆର୍ଜେଣ୍ଟିନାର ସର୍ବକନିଷ୍ଠ ଖେଳାଳିଭାବେ ଜର୍ମାନୀରେ ଅନୁଷ୍ଠିତ ଫିଫା ବିଶ୍ୱକପରେ ଗୋଲ ସ୍କୋର କରିଥିଲେ ।
- **ଜୁଲାଇ ୨୦୦୭:** କୋପା ଆମେରିକା ଫୁଟବଲ ଫାଇନାଲରେ ପ୍ରବେଶ, ବ୍ରାଜିଲଠାରୁ ପରାସ୍ତ ।
- **ଅଗଷ୍ଟ ୨୦୦୮:** ବେଜିଂ ଅଲିମ୍ପିକ୍ସରେ ମେସି ମ୍ୟାଜିକ ବଳରେ ୨୩ ବର୍ଷରୁ କମ୍ ଆର୍ଜେଣ୍ଟିନା ଦଳ ସ୍ୱର୍ଣ୍ଣ ପଦକ ହାସଲ କରିଥିଲା ।
- **ଜୁଲାଇ ୨୦୧୪:** ଫିଫା ବିଶ୍ୱକପର ଫାଇନାଲରେ ପ୍ରବେଶ। ଅତିରିକ୍ତ ସମୟରେ ବ୍ରାଜିଲଠାରୁ ପରାସ୍ତ । ମେସି ଗୋଲ୍ଡେନ ବୁଟ୍ ବିଜେତା ।
- **କୋପା ଆମେରିକା (୨୦୨୧ ଓ ୨୦୨୪):** ୨୦୨୧ରେ ବ୍ରାଜିଲକୁ ହରାଇ ଆର୍ଜେଣ୍ଟିନା କୋପା ଆମେରିକା ଟାଇଟଲ ଜିତିଥିଲା । ଆର୍ଜେଣ୍ଟିନା ପାଇଁ ସିନିୟର

ସ୍ତରରେ ମେସିଙ୍କର ଏହାଥିଲା ପ୍ରଥମ ବଡ଼ ଟାଇଟଲ । ପରେ ୨୦୨୪ରେ ସେ ଦ୍ୱିତୀୟ ଥରପାଇଁ ନିଜ ଦେଶକୁ ଚାମ୍ପିଅନ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ ।

- **କନମୋବେଲ-ୟୁଫା କପ୍:**

ଅଫ୍ ଚାମ୍ପିୟନ୍ସ (୨୦୨୨): ଓ୍ୱେମ୍ବ୍ଲି ଷ୍ଟାଡିୟମରେ ଇଟାଲିକୁ ୩-୦ ଗୋଲରେ ହରାଇ ଆର୍ଜେଣ୍ଟିନା ଚାମ୍ପିୟନ ହୋଇଥିଲା ।

- **ଫିଫା ବିଶ୍ୱକପ (୨୦୨୨):**

କାତାରରେ ଅନୁଷ୍ଠିତ ଫିଫା ବିଶ୍ୱକପର ଫାଇନାଲରେ ଆର୍ଜେଣ୍ଟିନା ପେନାଲଟିରେ ଫ୍ରାନ୍ସକୁ ହରାଇଲା । ନିର୍ଦ୍ଧାରିତ ସମୟରେ ଖେଳ ୩-୩ ଗୋଲରେ ବରାବର ରହିଥିଲା ।

- **୨୦୨୪:** କୋପା ଆମେରିକା ଚାମ୍ପିୟନ
- **୨୦୨୬:** ଫିଫା ବିଶ୍ୱକପର ଫାଇନାଲରେ ପ୍ରବେଶ । ଅତିରିକ୍ତ ସମୟରେ ସ୍ପେନ ଠାରୁ ୦-୧ ଗୋଲରେ ପରାସ୍ତ ।

କରିବାକୁ ନିଷ୍ପତ୍ତି ନେଇଥିଲେ। ଶେଷରେ ତିନି ପୃଷ୍ଠା ସମ୍ବଳିତ ଲେଖାକୁ ସାମାଜିକ ଗଣମାଧ୍ୟମରେ ପ୍ରକାଶ କରି ନିଜ ସନ୍ନ୍ୟାସ ସୂଚନା ଦେଇଥିଲେ। ଏହି ନିଷ୍ପତ୍ତି କିନ୍ତୁ କେବଳ ଶରୀର ନୁହେଁ ଆତ୍ମାକୁ ମଧ୍ୟ ବାଧିଛି ବୋଲି ଲେଖି ପ୍ରଶଂସକଙ୍କ ଆଖିରେ ଲୁହ ଭରି ଦେଇଥିଲେ। ପ୍ରଶଂସକଙ୍କ ପାଇଁ ଲେଖିଥିବା ଏହି ଲେଖାରେ ସେ ଉଲ୍ଲେଖ କରିଛନ୍ତି ଯେ ବିଶ୍ୱକପ ଫାଇନାଲ୍ ପରଠାରୁ ଏତେ ସମୟ ବିତିଯିବା ପରେ ଏବଂ ଏନେଇ ଅନେକ ଚିନ୍ତା କରିବା ପରେ ମୁଁ ସମସ୍ତଙ୍କୁ କହିବାକୁ ଚାହୁଁଛି ଯେ, ମୁଁ ଜାତୀୟ ଦଳରୁ ଅବସର ନେଉଛି ।



## ଜୁଲାଇ ୨୧ରୁ ଲେଖି ରଖିଥିଲେ ଅବସର ଲେଖା

ଏହା ଏଭଳି ଏକ ନିଷ୍ପତ୍ତି, ଯାହା ମୋତେ ଭିତରୁ ଗଭୀର ଭାବେ ଆଘାତ ଦେଇଛି ଏବଂ ଏବେ ମଧ୍ୟ ଦେଉଛି । କିନ୍ତୁ ମୁଁ ବୁଝିପାରୁଛି ଯେ, ଏହା ହେଉଛି ସଠିକ୍ ସମୟ । ମୁଁ ଶପଥ କରି କହୁଛି, ମୁଁ ସବୁବେଳେ ମୋର ସବୁକିଛି ଦେଇଛି। କେବଳ ଗତ କିଛି ବର୍ଷ ନୁହେଁ, ଯେତେବେଳେ ଆମେ ସବୁକିଛି ଜିତିଥିଲୁ, ତା' ପୂର୍ବରୁ ମଧ୍ୟ ମୁଁ ସେହିଭଳି ଲଢ଼ିଛି ଏବଂ ମୋର ସବୁକିଛି ଦେଇଛି । ଏହି ଜର୍ସି ପାଇଁ ମୁଁ ସବୁବେଳେ ଲଢ଼ିଛି । ଫୁଟବଲ୍ ମାଧ୍ୟମରେ ଆପଣମାନଙ୍କୁ ଖୁସି ଦେବା ଏବଂ ଜଣେ ଆର୍ଜେଣ୍ଟିନୀୟ ଭାବେ ଆପଣମାନଙ୍କୁ ଗର୍ବିତ କରିବା ମୋର ଲକ୍ଷ୍ୟ ଥିଲା । ଜୀବନର ଏହି ଅଧ୍ୟାୟଟି ମୋତେ ସବୁଠାରୁ ଅଧିକ କଷ୍ଟ ଦେଉଛି । ଏବେ ଅନେକ ମହାନ ଯୁବ ଖେଳାଳି ଆଗକୁ ଆସୁଛନ୍ତି। ସେମାନେ ଫୁଟବଲକୁ ଗର୍ବିତ କରିବେ ବୋଲି ଦୃଢ଼ ଆଶା ରହିଛି ବୋଲି ମେସି ଲେଖିଥିଲେ। ୩୯ ବର୍ଷ ବୟସରେ ବି ପଡ଼ିଆ ଭିତରେ ପଶିବା ମାତ୍ରେ ପ୍ରଶଂସକଙ୍କୁ ତାଙ୍କ ପ୍ରତିଟି ଗତି, ଡ୍ରିବଲ୍, କିକ୍, ଫ୍ରି-କିକରେ ରୋମାଞ୍ଚିତ କରୁଥିବା ଏହି ମହାନ ଖେଳାଳିଙ୍କୁ ଏବେ ସେମାନେ ମିସ୍ କରିବେ। ଅନେକ ଗୌରବ ଓ ରେକର୍ଡର ଅଧିକାରୀ ବିଶ୍ୱ ଫୁଟବଲର ମହାନ ଖେଳାଳି ତଥା ଏହି କିଂବଦନ୍ତି ପୁରୁଷ ଜୁଲାଇ ୧୯ ତାରିଖରେ ସ୍ପେନ୍ ନିକଟରୁ ଆର୍ଜେଣ୍ଟିନାର ବିଶ୍ୱକପ୍ ପରାଜୟ ପରେ ଅବସର ଆଭାସ ଦେଇଥିଲେ। କ୍ରମାଗତ ବିଶ୍ୱକପ୍ ଟ୍ରଫି ଧରିବାର ସ୍ୱପ୍ନ ଚୂରମାର ହୋଇଯିବା ପରେ ସେ ଅବସର ଲେଖା ପ୍ରସ୍ତୁତ କରି ସାରିଥିଲେ। ପିତାଙ୍କ ଦେହାନ୍ତ ପାଇଁ ବିଳମ୍ବରେ ଏହା ଘୋଷଣା କରିଛନ୍ତି । ଏଥି ସହିତ ବିଶ୍ୱ ଫୁଟବଲ ପୁଣି ବିଖ୍ୟାତ ୧୦ ନମ୍ବର ଜର୍ସି ସଂଗ୍ରାହଳୟକୁ 'ଚାଲିଯିବାକୁ ପ୍ରସ୍ତୁତ ହୋଇଛି। ଏକ ଜାଜ୍ଜ୍ୱଲ୍ୟମାନ ଖେଳ ଜୀବନର ଅବସାନ ଘଟିଛି । ମାତ୍ର ୭ ବର୍ଷରେ ଫୁଟବଲ୍ ଖେଳିବା ଆରମ୍ଭ କରିଥିବା ମେସି ୩୨ ବର୍ଷ ଧରି ଫୁଟବଲ୍ ପଡ଼ିଆରେ ବିତାଇଥିଲେ । ଅନେକ ଥର ବିଶ୍ୱର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ ମଧ୍ୟ ୨୦୨୨ ମସିହାରେ ଫିଫା ବିଶ୍ୱକପ୍ ସ୍ୱପ୍ନ ସାକାର କରିଥିଲେ। ତେବେ ୧୦୦୦ ଗୋଲ୍ ମାଇଲଖୁଣ୍ଟଠାରୁ ମାତ୍ର ୨୨ ଦୂରରେ ରହିଯାଇଥିଲେ । କ୍ଲବ୍ ଫୁଟବଲ୍ ଜାରି ରଖିଲେ ସେ ଏହି ସ୍ୱପ୍ନ ପୂରଣ କରିବେ ବୋଲି ରହିଛି ।

ମେସି କହିଛନ୍ତି, ଏବେ ମୁଁ ଆପଣମାନଙ୍କୁ ସମସ୍ତଙ୍କୁ କହିବାକୁ ଚାହୁଁଛି ଯେ ମୁଁ ଜାତୀୟ ଦଳରୁ ଅବସର ନେଉଛି । ଏହା ଏକ ନିଷ୍ପତ୍ତି ଥିଲା ଯାହା ମୋତେ ସମ୍ପୂର୍ଣ୍ଣ ଭାଙ୍ଗି ଦେଇଥିଲା ଏବଂ ଏବେ ବି କଷ୍ଟ ଦେଉଛି । ଫୁଟବଲ୍ ମାଧ୍ୟମରେ ଦର୍ଶକଙ୍କୁ ଖୁସି ଦେବା ଏବଂ ଆର୍ଜେଣ୍ଟିନାର ଖେଳାଳି ହେବା ପାଇଁ ଗର୍ବ ଅନୁଭବ କରୁଛି । ମୁଁ ସବୁବେଳେ ଜାତୀୟ ଦଳ ସହିତ ରହିବାକୁ ଚାହୁଁଥିଲି, ମୁଁ ଚାହୁଁଛି, ଏବଂ ମୁଁ ସବୁବେଳେ ଚାହୁଁଥିବି । ନିଜକୁ ସମ୍ପୂର୍ଣ୍ଣ ଭାବରେ ଦେଇଛି। ଏବେ ମୋର ଦେବାକୁ କିଛି ନାହିଁ । ଏହା ବ୍ୟତୀତ, ଅନେକ ଯୁବ ଖେଳାଳି ଆସୁଛନ୍ତି ଯେଉଁମାନେ ସମାନ ଭାବରେ ଚମତ୍କାର ଏବଂ ଏହି ଦଳରେ ସ୍ଥାନ ପାଇବାକୁ ଯୋଗ୍ୟ । ଏହି ୨୦ ବର୍ଷର ପ୍ରେମ ଏବଂ ସ୍ନେହ ପାଇଁ ସମସ୍ତଙ୍କୁ ଧନ୍ୟବାଦ । ଷ୍ଟାଡିୟମ ଭିତରୁ ଦର୍ଶକମାନଙ୍କ ସ୍ୱର ଶୁଣିବା ମୁଁ ମିସ୍ କରିବି । ଏବେ ଆପଣମାନଙ୍କ ମଧ୍ୟରୁ ଜଣେ ଭାବରେ, ମୁଁ ବାହାରୁ ଦଳକୁ ଉତ୍ସାହିତ ଏବଂ ସମର୍ଥନ କରିବି - ଭଲ ସମୟରେ ଏବଂ ଖରାପ ସମୟରେ ମଧ୍ୟ । ମୋ ପରିବାରକୁ ଧନ୍ୟବାଦ, ଯେଉଁମାନେ ସବୁବେଳେ ମୋ ପାଇଁ ଅଛନ୍ତି ଏବଂ ଏହି ସୁନ୍ଦର କିନ୍ତୁ କଷ୍ଟକର ଯାତ୍ରାରେ ମୋତେ ସମର୍ଥନ କରିଛନ୍ତି । ସମସ୍ତ ପ୍ରଶିକ୍ଷକ, ସାଥୀ ଖେଳାଳି ଏବଂ ଅଧିକାରୀଙ୍କୁ ମଧ୍ୟ ଧନ୍ୟବାଦ, ଯେଉଁମାନଙ୍କ ସହ ମୁଁ କାମ କରିବାର ଏବଂ ଯାତ୍ରା ବାଣ୍ଟିବାର ସୁଯୋଗ ପାଇଲି । ମୁଁ ମୋ ସହିତ ସ୍ମୃତି ଏବଂ ମୁହୂର୍ତ୍ତଗୁଡ଼ିକୁ ନେଇଯାଏ ଯାହାକୁ ମୁଁ କେବେ ଭୁଲିପାରିବି ନାହିଁ । ମୁଁ ସେହି ଶାନ୍ତି ଏବଂ ଗର୍ବର ସହିତ ବିଦାୟ ନେଉଛି। ବଞ୍ଚିବା ଏକ ଅତି ସୁନ୍ଦର ଅଭିଜ୍ଞତା ଥିଲା । ମୁଁ ତୁମ ସମସ୍ତଙ୍କୁ ଭଲ ପାଏ ! ପରମେଶ୍ୱରଙ୍କୁ ଧନ୍ୟବାଦ ଯେ ସେ ମୋତେ ଜଣେ ଆର୍ଜେଣ୍ଟିନା ଖେଳାଳି କରିଛନ୍ତି ।



## ୨୧ ବର୍ଷର ଅନ୍ତର୍ଜାତୀୟ ଯାତ୍ରା

୨୦୦୫ ମସିହାରେ ଅନ୍ତର୍ଜାତୀୟ ମଞ୍ଚରେ ପଦାର୍ପଣ କରିଥିବା ମେସି ୨୦୨୬ରେ ଅନ୍ତର୍ଜାତୀୟ କ୍ୟାରିୟରର ଅନ୍ତ ଘଟାଇଛନ୍ତି । ନିଜର ୨୦୭ଟି ମ୍ୟାଚରେ ସେ ମୋଟ ୧୨୫ଟି ଗୋଲ୍ ସ୍କୋର କରିଛନ୍ତି। ତାଙ୍କ ନେତୃତ୍ୱରେ ଆର୍ଜେଣ୍ଟିନା ୨୦୨୨ରେ ଫିଫା ବିଶ୍ୱକପ୍ ଟ୍ରଫି ଜିତିଥିବା ବେଳେ ଦୁଇଥର କୋପା ଆମେରିକା ଚାମ୍ପିଅନ୍ ହୋଇଥିଲା। ୨୦୨୬ ଫିଫା ବିଶ୍ୱକପ୍ ଫାଇନାଲରେ ସ୍ପେନ୍ ନିକଟରୁ ପରାଜିତ ହୋଇ ଦଳ ରନର୍ସ-ଅପ୍ ହୋଇଥିଲା, ଯାହା ମେସିଙ୍କ ଅନ୍ତର୍ଜାତୀୟ କ୍ୟାରିୟରର ଶେଷ ମ୍ୟାଚ ସାବ୍ୟସ୍ତ ହୋଇଛି।

# ଗହଣାରେ ପରମ୍ପରା





**ଯେତିକି ସ୍ୱତନ୍ତ୍ର ଆଦିବାସୀ ପରମ୍ପରା ସେତିକି ସୁନ୍ଦର ହୋଇଥାଏ ସେମାନଙ୍କର ବେଶପୋଷାକ ଓ ପରିପାଟୀ । ସେମାନଙ୍କର ଅଳଙ୍କାର ସମସ୍ତଙ୍କୁ ଖୁବ ପସନ୍ଦ ଆସିବା ସହିତ ଏହି ଷ୍ଟାଇଲ ଟ୍ରେଣ୍ଡରେ ରହୁଥିବା ମଧ୍ୟ ଦେଖିବାକୁ ମିଳିଥାଏ ।**

## ବେକ ଅଳଙ୍କାର

ବେକ ଅଳଙ୍କାର ମଧ୍ୟରେ ଡାବୁଲୁବେଇଦା, ଯାହା ବଣ୍ଡା ସମ୍ପ୍ରଦାୟର ମହିଳାମାନଙ୍କ ଦ୍ୱାରା ପିନ୍ଧାଯାଉଥିବା ଏକ ପାରମ୍ପରିକ ମୁଦ୍ରା ହାର । ଗୁନ୍ନୁର ଯାହା ବଣ୍ଡା ମହିଳାମାନେ ପିନ୍ଧୁଥିବା ଏକ ଲୁହା ବେକଚକି ବା ନେକ୍‌ବ୍ୟାଣ୍ଡ୍, ଯାହା ଅନେକ ସମୟରେ ପୂର୍ବପୁରୁଷଙ୍କ ମୁଦି ସହ ଯୋଡ଼ି ହୋଇଥାଏ । ଅନ୍ୟ ଭିତରେ ରହିଛି କାସୁ ମାଳି ଓ ଗୁରିଆ ମାଳି । ଏଗୁଡିକ ଭୋତଡ଼ା ଆଦିବାସୀ ସମ୍ପ୍ରଦାୟର ମହିଳାମାନଙ୍କ ଦ୍ୱାରା ବ୍ୟବହୃତ ହେଉଥିବା ସ୍ୱତନ୍ତ୍ର ପୁତି ଓ ମୁଦ୍ରାର ହାର ।

## କେଶ ଅଳଙ୍କାର

ଲାଙ୍ଗିଆ ସୌରା ଏବଂ କନ୍ଧ ଆଦିବାସୀମାନଙ୍କ ଦ୍ୱାରା ଖୋସା ବାନ୍ଧିବା ଏବଂ ଆତ୍ମରକ୍ଷା ପାଇଁ ବ୍ୟବହୃତ ହେଉଥିବା ଧାତବ କାଣ୍ଟା, କାଞ୍ଚି ଭଳି 'ସିପ୍‌ନା' ସାଜସଜ୍ଜା, ସୁନ୍ଦର କାଟିଆ ଓ ଶିକୁଳି । ଯାହାକୁ କେଶ ବିନ୍ୟାସରେ ବ୍ୟବହାର କରାଯାଇଥାଏ । ଏଗୁଡିକ ଦେଖିବାକୁ ଖୁବ ସୁନ୍ଦର ହୋଇଥାଏ ।



ନାକ ଏବଂ କାନ ଅଳଙ୍କାର ଡଙ୍ଗରିଆ କନ୍ଧ, ଗଦବା ଏବଂ କୋୟା ଜନଜାତିର ମହିଳାମାନଙ୍କ ଦ୍ୱାରା ବହୁଳ ଭାବରେ ପିନ୍ଧାଯାଉଥିବା ସୂକ୍ଷ୍ମ ବହୁ-ବଳୟ ନାକଗୁଣା, ନୋଥ ଏବଂ କାନ ଅଳଙ୍କାର ଖୁବ ସୁନ୍ଦର ହୋଇଥାଏ । କିଛି କାନ ଅଳଙ୍କାର ଆକାରରେ ଖୁବ ବଡ ମଧ୍ୟ ହୋଇଥାଏ । ଏଗୁଡିକ ଖୁବ ସ୍ୱତନ୍ତ୍ର ହୋଇଥିବାବେଳେ ଏକ ନିଆରା ଲୁକ କ୍ରିଏଟ କରିଥାଏ ।

## ଖାଡୁ ଏବଂ କଣ୍ଟାଲି

ଧାତୁରେ ତିଆରି ଓଜନିଆ ପାଦ ଖାଡୁ ଏବଂ ପିତ୍ତଳ କିମ୍ବା ଆଲୁମିନିୟମ୍‌ର ହାତ ଓ ପାଦ ଆଙ୍ଗୁଠି ମୁଦିକୁ ଖାଡୁ ଏବଂ କଣ୍ଟାଲି କୁହାଯାଇଥାଏ । ଏଗୁଡିକ ଓଜନ ହେବା ସହିତ ଖୁବ ସ୍ୱତନ୍ତ୍ର ଭାବେ ତିଆରି କରାଯାଇଥାଏ ।

## ମାଳାତାଡ଼ା

ଦକ୍ଷିଣ ଓଡ଼ିଶାର ଗଣ୍ଡିଆ ସମ୍ପ୍ରଦାୟର ମହିଳାମାନଙ୍କ ଦ୍ୱାରା ପର୍ବପର୍ବାଣି ଓ ଉତ୍ସବ ସମୟରେ ଅଣ୍ଟାରେ ପିନ୍ଧାଯାଉଥିବା ଏକ ପାରମ୍ପରିକ କଣ୍ଟାଲି ବା ବିଛା (କଟିବନ୍ଧ) । ଏଗୁଡିକ ଘରେ କିଛି ପର୍ବଥିଲେ ମହିଳାମାନେ ପରିଧାନ କରିଥାଆନ୍ତି, ଯାହା ସେମାନଙ୍କୁ ଏକ ପାରମ୍ପରିକ ଲୁକ ଦେଇଥାଏ ।



ମୃଣାଳ
ନିର୍ମାଲ୍ୟ, VIP-21 ଲିଟିଲ ଓଡ଼ିଶା,
ଛତାବର, ଭୁବନେଶ୍ୱର
ମୋ: ୯୪୩୭୦୨୬୧୯୪

# ଶେଷକୃତ୍ୟ


ସମାଜର ପୂର୍ବତନ ସମ୍ପାଦକ, ମୋର ବନ୍ଧୁ ତପନ ମିଶ୍ରଙ୍କର ନିକଟରେ ମାତୃ ବିୟୋଗ ହୋଇଛି। ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା କଟକରେ; ହାତୀଗଡ଼ା ତୁଠରେ ତାଙ୍କ ତୁଠକାମ ହୋଇଥିଲା। ଏଠିକାର ପରିବେଶ, ବିଶେଷ କରି ପରିଷ୍କାର ପରିଚ୍ଛନ୍ନତାର ଅଭାବକୁ ରେଖାଙ୍କିତ କରି ତପନ ତାଙ୍କ ସାମାଜିକ ଗଣମାଧ୍ୟମ ମଞ୍ଚରେ ଗୋଟେ ପୋଷ୍ଟ ଲେଖିଥିଲେ। ବୃହତ୍ତର ପାଠକ ସମାଜ ପାଖରେ ତାହା ପହଞ୍ଚାଇବା ପାଇଁ ଏଠି ଉଦ୍ଧାର କରୁଛି। ଓଡ଼ିଶାର ଗଙ୍ଗା ଭାବେ ପରିଚିତ ମହାନଦୀ (ଚିତ୍ରୋତ୍ପଳା)ଓ ତାହାର ଶାଖା ପ୍ରଶାଖା କଟକ ସହରକୁ ଘେରି ରହିଛି। କଟକ ଏକ ମହାନଗର ନିଗମ। ହାତୀଗଡା ତୁଠରେ ଲୋକେ ତୁଠକାମ କରନ୍ତି। ଏହା ଏକ ବ୍ୟସ୍ତ ବହୁଳ ତୁଠ। ସେ ତୁଠରେ ମୌଳିକ ସୁବିଧା ସୁଯୋଗ ବ୍ୟବସ୍ଥା ଏତେ ଖରାପ ଯେ ପ୍ରେତ ମଧ୍ୟ ସେଠାକୁ ଆସିବ ନାହିଁ। ଅଳିଆ, ଆବର୍ଜନା ଓ ଅରମାରେ ଭର୍ତ୍ତି ଏହି ତୁଠର ରକ୍ଷଣାବେକ୍ଷଣ ଦାୟିତ୍ୱ କଟକ ମହାନଗର ନିଗମର। କଟକର ଶ୍ମଶାନସବୁର ଅବସ୍ଥା ଅତ୍ୟନ୍ତ ଶୋଚନୀୟ। ବ୍ୟକ୍ତିଗତ ଉଦ୍ୟମରେ ପରିଚାଳିତ ସ୍ୱର୍ଗଧାମ ବ୍ୟତୀତ ଅନ୍ୟତ୍ର ମୌଳିକ ସୁବିଧା ସୁଯୋଗର ଘୋର ଅଭାବ। ସମ୍ମାନର ସହିତ ଶେଷକୃତ୍ୟ ପାଇଁ ଶବର ମଧ୍ୟ ଅଧିକାର ଅଛି। ପରିଚ୍ଛନ୍ନତା ନିହାତି ଲୋଡ଼ା। ଆମେ ଆମ ପରଲୋକଗତଙ୍କ ପ୍ରତି କେତେ ଉଦାସୀନ ତାହା ଆମ ଶ୍ମଶାନଘାଟ କହୁଛି। ବିଷାକ୍ତ ପରିବେଶ ଓ ଆବର୍ଜନା ପ୍ରଭାବରୁ ପ୍ରକୃତିର ଅନ୍ୟତମ ପ୍ରଧାନ ସଫେଇକାରୀ ଜୀବ କାଉ ମଧ୍ୟ ବିପନ୍ନ ପ୍ରାୟ। ଯମରାଜ କାକର ଏ ଅବସ୍ଥା ଦେଖି ବିବ୍ରତ ହେଉଥିବେ ଓ ପ୍ରେତମାନେ କଂକ୍ରିଟ ଜଙ୍ଗଲରେ କେଉଁଠି ଲୁଚି ଛପି ଆଶ୍ରା ନେଇ ମୋକ୍ଷ ଆଶାରେ ଲୁହ ଗଡାଉଥିବେ।

# ବନ୍ୟା



ନେପାଳରେ ସାମ୍ପ୍ରତିକ ବନ୍ୟାଜନିତ ପରିସ୍ଥିତିର ଖବର ଛାତି ଥରେଇ ଦେଉଛି। ଏ ଲେଖା ଲେଖିଲାବେଳକୁ ଅନେକ ଭାରତୀୟ ଯାତ୍ରୀ ଏଯାଏଁ ନିଖୋଜ ଅଛନ୍ତି। ଏପଟେ ଉପକୂଳ ଓଡ଼ିଶାର ବିସ୍ତୀର୍ଣ୍ଣ ଅଞ୍ଚଳରେ ଭୟାବହ ବନ୍ୟା ହୋଇଗଲା। ଏବେବି ଲୋକେ ତା' ପ୍ରଭାବରୁ ଉଧୁରି ପାରି ନାହାନ୍ତି। ଜନଜୀବନ ଏବେବି ସ୍ୱାଭାବିକ ହୋଇ ନାହିଁ। ଏବକୁ ପାଣିପାଗ ପରିବର୍ତ୍ତନ ପାଇଁ ବର୍ଷାର ପାଟର୍ନ କ୍ରମଶଃ ବଦଳି ଯାଉଛି, ତାହା ଆଉ ଏକ ବଡ଼ ସମସ୍ୟା। ଅଳ୍ପ ସମୟରେ ଖୁବ ବେଶୀ ବର୍ଷା ହେଉଛି। ଏହା ଚାଷ ପାଇଁ ହିତ ନୁହେଁ, ମାଟି ପାଇଁ ବି ହିତ ନୁହେଁ। ପ୍ରବଳ ବର୍ଷାରେ ଉପର ମାଟି (ଟପ-ସଏଲ) ଧୋଇ ଯାଇ ନଈ ନାଳକୁ ଚାଲିଯାଉଛି। ଜମି ବନ୍ଧ୍ୟା ହୋଇଯାଉଛି। ଇଆଡ଼େ ସହରାଞ୍ଚଳରେ ଏଥିପାଇଁ ରାସ୍ତାଘାଟରେ ପାଣି ଭର୍ତ୍ତି ହୋଇ ବନ୍ୟାର ସ୍ଥିତି ହୋଇଯାଉଛି। ଆମେ ସମସ୍ତେ ସାମୁହିକ ଭାବରେ ପରିବେଶ ପ୍ରତି ଦୃଷ୍ଟି ନ ଦେଲେ ଭବିଷ୍ୟତରେ ପରିସ୍ଥିତି ଆହୁରି ଜଟିଳ ହେବ।

# କୁମ୍ଭୀର



ବନ୍ୟା ପରେ ଆଳି, ପଟ୍ଟାମୁଣ୍ଡାଇ, ଯାଜପୁରର ଅନେକ ନଈକୂଳିଆ ଅଞ୍ଚଳରେ ଏବେ ନୂଆ ଭୟ: କୁମ୍ଭୀର। ଭିତରକନିକାରେ କୁମ୍ଭୀର ସଂରକ୍ଷଣ ପାଇଁ କୁମ୍ଭୀର ଚାଷ କରାଯାଏ। ଭିତରକନିକାର ନଈକୂଳିଆ ହେନ୍ତାଳ ଜଙ୍ଗଲରୁ କୁମ୍ଭୀର ଅଣ୍ଡା ସଂଗ୍ରହ କରି ତାକୁ ଛୁଆ ଫୁଟେଇ ବଡ଼ କରାଯାଏ। କୁମ୍ଭୀର ବଡ଼ ହୋଇଗଲେ ତାକୁ ନଈରେ ଛାଡିଦିଆ ହୁଏ। ଏବେ ସେମାନଙ୍କ ସଂଖ୍ୟା ବାଢ଼ିଛି। ବନ୍ୟା ସ୍ଥିତିରେ କୁମ୍ଭୀରମାନେ ନଈ ଉପରମୁଣ୍ଡକୁ ବହୁଦୂର ଯାଏ ଚାଲିଆସୁଛନ୍ତି। ଲୋକେ ଏବେ ନଈକୁ ଯିବାକୁ ଡରୁଛନ୍ତି। ନଈ ଏ ଅଞ୍ଚଳର ଲୋକମାନଙ୍କ ଜୀବନର ଏକ ଅଙ୍ଗ। କୁମ୍ଭୀର ଭୟରେ ନଈ ସହିତ ଏ ଅଂଚଳର ଲୋକମାନଙ୍କ ଆତ୍ମିକ ସମ୍ପର୍କ ବ୍ୟାହତ ହେଉଛି। ଏ ଦିଗରେ କ'ଣ କରାଯାଇପାରେ- ବିଶେଷଜ୍ଞଙ୍କ ସହ ପରାମର୍ଶ କରି ତାହା ତୁରନ୍ତ କରାଯିବ ଦରକାର।



# ତାଳ

ଭାଦ୍ରବ ମାସର ଗୋଟେ ବଡ଼ ଆକର୍ଷଣ ପାଚିଲା ତାଳ। ଏହାର ଗୋଟେ ଅଦ୍ଭୁତ ସୁନ୍ଦର ବାସ୍ନା ଅଛି। ଘରେ ପାଚିଲା ତାଳଟିଏ ଥିଲେ ସାରା ଘର ମହକେଇ ଦେବ। ପାଚିଲା ତାଳରୁ ଅନେକ ପ୍ରକାର ପିଠା ଓ ଅନ୍ୟାନ୍ୟ ଖାଦ୍ୟ ଦ୍ରବ୍ୟ ପ୍ରସ୍ତୁତ ହୁଏ। ତାଳ ରସ, ଚାଉଳ ଗୁଣ୍ଡ, ନଡ଼ିଆ ଓ ଚିନି ମିଶାଇ ତାଳ ପୋଡ ପିଠା ତିଆରି ହୁଏ। ସାଧାରଣ ଚକୁଳି ପିଠା ଆଣ କରି ସେଥିରେ ତାଳ ରସ ମିଶାଇ ତାଳ-ଚକୁଳି ତିଆରି କରାଯାଏ। ତାଳ ରସ ଓ ଚାଉଳ ଗୁଣ୍ଡକୁ ମିଶେଇ ଛାଣି ତାଳ ବରା ବା ତାଳ ଗୁଲଗୁଲା ତିଆରି କରାଯାଏ। ଓଡ଼ିଶା ସଂସ୍କୃତିରେ ପାଚିଲା ତାଳ ସହିତ ତାଳ ନବମୀ ପର୍ବର ଗଭୀର ସମ୍ପର୍କ ରହିଛି। ଭାଦ୍ରବ ମାସ ଶୁକ୍ଳପକ୍ଷ ନବମୀ ତିଥିରେ ଏହି ପର୍ବ ପାଳନ କରାଯାଏ। ପୌରାଣିକ ମାନ୍ୟତା ଅନୁସାରେ, ମହାପ୍ରଭୁ ଜଗନ୍ନାଥଙ୍କ ବଡ଼ଭାଇ ଭଗବାନ ବଳଭଦ୍ରଙ୍କର ପାଚିଲା ତାଳ ଅତି ପ୍ରିୟ। ତାଙ୍କ ରଥର ନାମ ମଧ୍ୟ 'ତାଳଧ୍ୱଜ' (ଯାହାର ପତାକାରେ ତାଳ ଗଛର ଚିହ୍ନ ଥାଏ)। ଏହି ଦିନ ଓଡ଼ିଆ ଗ୍ରାମାଞ୍ଚଳରେ ତାଳ ରସ ବାହାର କରି ବିଭିନ୍ନ ପ୍ରକାରର ସୁଆଦିଆ ପିଠା ଓ ବରା ପ୍ରସ୍ତୁତ କରାଯାଏ ଏବଂ ଶ୍ରୀକୃଷ୍ଣ ଓ ବଳରାମଙ୍କ ପାଖରେ ଭୋଗ ଲଗାଯାଇ ପରିବାରର ମଙ୍ଗଳ କାମନା କରାଯାଏ। ଗାଁ ଗହଳିରେ ତାଳ ଗଛକୁ ନେଇ ଅନେକ ମଜାଦାର ଭୂତ ଗପ ବି ଶୁଣିବାକୁ ମିଳେ। ତାଳ ଗଛଗୁଡ଼ିକ ବହୁତ ଡେଙ୍ଗା ଓ ନିଛାଟିଆ ଜାଗାରେ ଥିବାରୁ, ଆମ ସମୟର ଆଈ-ବୁଢ଼ୀମାନେ ପିଲାମାନଙ୍କୁ ଶୁଆଇବା ପାଇଁ 'ତାଳଗଛ ଭୂତ' ଗପ ଶୁଣାଉଥିଲେ। କ୍ରମଶଃ ଗାଁ ଗହଳିରେ ତାଳ ଗଛ କମିବାରେ ଲାଗିଲା। ଏବେ ପୁଣି ତାଳ ଗଛ ସଂଖ୍ୟା ବଢେଇବାପାଇଁ ଚେଷ୍ଟା କରାଯାଉଛି।

# ଘୋର କଳିକାଳ

ଘୋର କଳିକାଳ ଚାଲିଛି; କାହାର କାହା ଉପରେ ବିଶ୍ୱାସ ନାହିଁ।
ବ୍ୟାଙ୍କବାଲାମାନେ କାଉଣ୍ଟରରେ... ପ୍ଲାଷ୍ଟିକ ଡଟ ପେନ୍‌କୁ ସୁତୁଲିରେ ବାନ୍ଧିକି ରଖୁଛନ୍ତି। ମେଡିକାଲ୍ ଷ୍ଟୋର୍‌ବାଲାମାନେ... କଇଁଚିକୁ ବାନ୍ଧିକି ରଖୁଛନ୍ତି। ଜେରକ୍ସବାଲାମାନେ... ଷ୍ଟେପ୍‌ଲର୍‌କୁ ବାନ୍ଧିକି ରଖୁଛନ୍ତି। କଚେରୀରେ ଓକିଲମାନେ କୁର୍ସିକୁ ବାନ୍ଧିକି ରଖୁଛନ୍ତି। ବହୁ ଜାଗାରେ ଦେଖୁଚି ପିଇବା ପାଣି ଟ୍ୟାପ ପାଖରେ ଗ୍ଲାସ୍ ବନ୍ଧା ହୋଇ ରହିଛି। ରେଳ ବିଭାଗ ଟ୍ରେନ ଟଏଲେଟ୍‌ରେ ମଗ୍‌କୁ ବାନ୍ଧିକି ରଖୁଛନ୍ତି। ବଡ଼ ଘର ଲୋକମାନେ କୁକୁରକୁ ବାନ୍ଧିକି ରଖୁଛନ୍ତି।
ପତ୍ନୀମାନେ... ସ୍ୱାମୀଙ୍କୁ ବାନ୍ଧିକି ରଖୁଛନ୍ତି।
ସ୍ୱାମୀ ନିଜ ମୋବାଇଲକୁ ବାନ୍ଧିକି (ଲକ କରି) ରଖୁଛନ୍ତି।
ଘୋର କଳିଯୁଗ ! କାହାର କାହା ଉପରେ ବିଶ୍ୱାସ ନାହିଁ।

# ବାବା ବାଣୀ

ବହୁବର୍ଷ ତଳେ ମୋତେ ଜଣେ ବାବା କହିଥିଲେ, ବାବୁରେ ଭଗବାନ ତୋତେ ଏତେ ଦେବେ ଯେ ତୁ ନିଜେ କହିବୁ, ଠାକୁରେ ଆଉ ଦିଅନି। ବାସ, ବହୁତ ହୋଇଗଲା। ଏବେ ବୁଝୁଛି, ବାବା ମୋ ଓଜନ କଥା କହୁଥିଲେ।

# ୱେବ ସିରିଜରୁ ବଡ଼ ପରଦା

ଲୋକପ୍ରିୟ ୱେବ୍ ସିରିଜ୍ 'ମିର୍ଜାପୁର' ଏବେ ଚଳଚ୍ଚିତ୍ର ରୂପରେ ବଡ଼ ପରଦାକୁ ଆସିବାକୁ ଯାଉଛି । ତେବେ ଏହାକୁ ନେଇ ଦର୍ଶକଙ୍କ ଭିତରେ ଖୁବ କ୍ରେଜ ଦେଖିବାକୁ ମିଳିଛି । ଏହାର ଆଗୁଆ ବୁକିଂ ଆରମ୍ଭ ହୋଇଥିବାବେଳେ ପ୍ରଥମଦିନର ହିଁ ୧୧ ହଜାରରୁ ଅଧିକ ଟିକେଟ ବିକ୍ରି ସରିଛି । ରିଲିଜ୍ ପୂର୍ବରୁ ଫିଲ୍ମଟି ପ୍ରାୟ ୧୪ ରୁ ୨୦ କୋଟି ଟଙ୍କାର ବ୍ୟବସାୟ କରି ସାରିଛି । ନିର୍ଦ୍ଦେଶକ ଗୁରମିତ୍ ସିଂହଙ୍କ ଦ୍ୱାରା ନିର୍ମିତ ତଥା ଫରହାନ ଅଖତର ଓ ରୀତେଶ ସିଧୱାନୀଙ୍କ ଦ୍ୱାରା ପ୍ରଯୋଜିତ ଏହି ଫିଲ୍ମରେ ପଙ୍କଜ ତ୍ରିପାଠୀ, ଆଲି ଫଜଲ, ଦିବ୍ୟେନ୍ଦୁ, ରସିକା ଦୁଗ୍ଗଲ, ଶ୍ୱେତା ତ୍ରିପାଠୀଙ୍କ ଭଳି ପୁରୁଣା କଳାକାରଙ୍କ ସହ ରବି କିଷନ୍, ସୁଶାନ୍ତ ସିଂହ, ଜିତେନ୍ଦ୍ର କୁମାର ଓ ସୋନାଲ ଚୌହାନଙ୍କ ଭଳି ନୂଆ ଚେହେରା ନଜର ଆସିବେ । ସେପ୍ଟେମ୍ବର ୪ରେ ରିଲିଜ ହୋଇଥିବା ଏହି ଫିଲ୍ମକୁ ଦର୍ଶକ ଆଗକୁ ଆହୁରି ଭଲ ପାଇବା ଦେବେ ବୋଲି ମେକର୍ସ ଆଶା ରଖିଛନ୍ତି ।





# ମିଳିବ କି ୧୦୦ କୋଟି କ୍ଲବ ଏଣ୍ଟ୍ରି

'ଇରୁମୁଡ଼ି' ତେଲୁଗୁ ବକ୍ସ ଅଫିସ୍‌ରେ ନିଜର ଦ୍ୱିତୀୟ ସୋମବାରରେ ବେଶ୍ ଦମଦାର ପ୍ରଦର୍ଶନ କରିବା ସହ ନିଜର ଜବରଦସ୍ତ ସଫଳତା ଜାରି ରଖିଛି । ଖବର ଲେଖା ହେବା ପର୍ଯ୍ୟନ୍ତ ଏହି ଫିଲ୍ମ ମୋଟ ପ୍ରାୟ ୮ କୋଟି ଟଙ୍କା କଲେକ୍ସନ୍ କରିଥିବା ଜଣାପଡିଛି । ଏହାସହ ଏହି ଆୟ ଆଗକୁ ବଢିବ ବୋଲି ମେକର୍ସ ଆଶା ରଖିଛନ୍ତି । ୧୧ ଦିନରେ ଫିଲ୍ମର ମୋଟ ଆୟ ପ୍ରାୟ ୧୫୮ କୋଟି ଟଙ୍କାରେ ପହଞ୍ଚିଥିବା ଜଣାପଡିଛି । ସେହିଭଳି ଫିଲ୍ମଟି ୧୦୦ କୋଟି କ୍ଲବରେ ସାମିଲ ହେବା ନେଇ ପୁରା ଟିମ ଆଶା ରଖିଛି । ଫିଲ୍ମରେ ମୁଖ୍ୟ ଚରିତ୍ରରେ ରବି ତେଜାଙ୍କୁ ଦେଖିବାକୁ ମିଳିଛି । ରବିଙ୍କର ଦମଦାର ଅଭିନୟ ଫିଲ୍ମଟିକୁ ଏକ ନୂଆ ଦିଗ ପ୍ରଦାନ କରିଛି । ବଳିଷ୍ଠ କାହାଣୀ ଓ ରବିଙ୍କ ଅଭିନୟ ଦର୍ଶକଙ୍କ ମନକୁ ଖୁବ ଛୁଇଁଥିବାନେଇ ଜଣା ପଡିଛି ।



# ବିବାଦର ପ୍ରଭାବ

ବଲିଉଡ୍ ଅଭିନେତା ଗୋବିନ୍ଦାଙ୍କ ପୁଅ ଯଶବର୍ଦ୍ଧନ ଆହୁଜା ମୁଖ୍ୟ ନାୟକ ଭାବେ ନିଜର ବଲିଉଡ୍ କ୍ୟାରିୟର ଆରମ୍ଭ କରିବାକୁ ଯାଉଛନ୍ତି । ଯାହାଙ୍କୁ ଫିଲ୍ମ 'ହିରୋ କି ହରୋଇନ୍'ରେ ଦେଖିବାକୁ ମିଳିବ । ତାଙ୍କର ଏହି ଫିଲ୍ମଟି ଏକ ରୋମାଞ୍ଚକର ହରର-କମେଡି, ରୋମାନ୍ସ, ଅଲୌକିକ ତତ୍ତ୍ୱ ଏବଂ ହାସ୍ୟରସରେ ଭରପୂର ରହିବ । ଫିଲ୍ମରେ ଯଶବର୍ଦ୍ଧନଙ୍କ ବିପକ୍ଷରେ 'ଲାପତା ଲେଡିଜ୍' ଫେମ୍ ନିତାଂଶୀ ଗୋୟଲ ମୁଖ୍ୟ ନାୟିକା ଭାବେ ନଜର ଆସିବେ । ନିକଟରେ ନିର୍ମାତାମାନେ ଏହି ପ୍ରକଳ୍ପର ଘୋଷଣା କରିବା ସହ ଜେମି ଲିଭର, ଚଙ୍କି ପାଣ୍ଡେ, ବ୍ରିଜେନ୍ଦ୍ର କାଲା ଏବଂ ସିମରତ୍ କୌର ରନ୍ଧାୱାଙ୍କ ଭଳି କଳାକାରଙ୍କ ଉପସ୍ଥିତି ବିଷୟରେ ସୂଚନା ଦେଇଛନ୍ତି । ତେବେ ଗୋବିନ୍ଦା ଓ ସୁନିତାଙ୍କ ଭିତରେ ଦେଖିବାକୁ ମିଳିଥିବା ବିବାଦର ପ୍ରଭାବ ଏହି ଡେବ୍ୟୁ ଉପରେ କିଭଳି ପଡିବ ତାକୁ ନେଇ ଆଲୋଚନା ଜାରି ରହିଛି । ଫିଲ୍ମଟି ରିଲିଜ ହେବାକୁ ବହୁତ ସମୟ ଥିଲେ ବି ବିବାଦର ନକରାତ୍ମକ ପ୍ରଭାବ ପଡିବା ନେଇ ସୋସିଆଲ ମିଡିଆରେ ଆକଳନ ହେଉଥିବା ଦେଖିବାକୁ ମିଳୁଛି ।



# କାହାଣୀ ପ୍ରଥମ ବ୍ରେକର

ଅଭିନେତ୍ରୀ ମୌନୀ ରୟ ନିକଟରେ ନିଜ କ୍ୟାରିୟରର ପ୍ରଥମ ସୁଯୋଗକୁ ନେଇ ଏକ ଷ୍ଟେଟମେଣ୍ଟ ଦେଇଛନ୍ତି, ଯାହା ବେଶ ଭାଇରାଲ ହେବାରେ ଲାଗିଛି । ସେ ୟୁନିଭରସିଟି ବାହାରେ ଚାଲି ଚାଲି ଯାଉଥିବା ବେଳେ ପ୍ରଯୋଜିକା ଏକତା କାପୁରଙ୍କ ଟିମ୍‌ର ନଜର ତାଙ୍କ ଉପରେ ପଡ଼ିଥିଲା । ସେଠାରୁ ହିଁ ତାଙ୍କୁ ସୁପରହିଟ୍ ଟିଭି ଶୋ' 'କ୍ୟୁଁକି ସାସ୍ ଭି କବି ବୋହୂ ଥି'ରେ 'କ୍ରିଷ୍ଣା ତୁଳସୀ' ଚରିତ୍ର ପାଇଁ ମନୋନୀତ କରାଯାଇଥିଲାବୋଲି ମୌନୀ ମତ ଦେଇଛନ୍ତି । ଏହି ଧାରାବାହିକରେ ସ୍ମୃତି ଇରାନୀଙ୍କ ଦ୍ୱାରା ଅଭିନୀତ 'ତୁଳସୀ' ଚରିତ୍ର ଗଙ୍ଗା ନଦୀରୁ ଜଣେ ଅନାଥ ଝିଅକୁ ଉଦ୍ଧାର କରି ନିଜ ନାମ ଅନୁସାରେ 'କ୍ରିଷ୍ଣା ତୁଳସୀ' ରଖିଥିଲେ । ଯେଉଁଥିରେ ମୌନୀଙ୍କ ଯୋଡ଼ି ପ୍ରଥମେ ପୁଲକିତ ସମ୍ରାଟ୍ ଏବଂ ପରେ ଆକାଶଦୀପ ସହଗଲଙ୍କ ସହ ଦେଖିବାକୁ ମିଳିଥିଲା । ଏହି ଶୋ'ର ସଫଳତା ପରେ ମୌନୀ 'ଦେବୋଁ କେ ଦେବ ମହାଦେବ'ରେ 'ସତୀ' ଏବଂ ସୁପରହିଟ୍ ଶୋ' 'ନାଗିନ୍'ର ଦୁଇଟି ସିଜନ୍‌ରେ 'ଶିବନ୍ୟା' ଓ 'ଶିବାଙ୍ଗୀ' ଭଳି ଲୋକପ୍ରିୟ ଭୂମିକାରେ ଅଭିନୟ କରି ଦର୍ଶକଙ୍କ ମନ ଜିଣିଥିଲେ ।



# ଟର୍ଣ୍ଣିଂ ପଏଣ୍ଟ

ଅଭିନେତା ଅକ୍ଷୟ ଓବରୟ ନିଜ କ୍ୟାରିୟରର ଏକ ନୂଆ ଏବଂ ସଫଳ ପର୍ଯ୍ୟାୟରେ ପହଞ୍ଚିଛନ୍ତି । ନିକଟରେ ରିଲିଜ୍ ହୋଇଥିବା ଫିଲ୍ମ 'ଟକ୍ସିକ୍' ରେ କାମ କରିବାର ଅନୁଭୂତି ସମ୍ପର୍କରେ ସେ ନିକଟରେ ପ୍ରକାଶ କରିଛନ୍ତି । ଏହି ଫିଲ୍ମଟି ତାଙ୍କୁ ଆଗକୁ ବଢ଼ିବା ଏବଂ ବଡ଼ ସ୍ୱପ୍ନ ଦେଖିବାର ସାହସ ଦେଇଛି । ଏହି ପ୍ରୋଜେକ୍ଟରେ କାମ କରିବା ତାଙ୍କ କ୍ୟାରିୟରର ଦୃଷ୍ଟିକୋଣକୁ ବଦଳାଇ ଦେଇଛିବୋଲି ସେ ମତ ଦେଇଛନ୍ତି । ଏହାସହ ନିଜର ଆଗାମୀ ଫିଲ୍ମରେ ପ୍ରସିଦ୍ଧ ନିର୍ଦ୍ଦେଶକ ନୀରଜ ପାଣ୍ଡେ ଏବଂ ଅଭିନେତା ମନୋଜ ବାଜପେୟୀଙ୍କ ସହ କାମ କରିବାକୁ ନେଇ ସେ ବେଶ୍ ଉତ୍ସାହିତ ଅଛନ୍ତି । ମନୋଜ ବାଜପେୟୀଙ୍କୁ ନିଜର ଆଦର୍ଶ ବୋଲି ମାନୁଥିବା ଅକ୍ଷୟ କହିଛନ୍ତି ଯେ, ଯାହାଙ୍କୁ ଦେଖି ସେ ଅଭିନୟ ଶିଖିଥିଲେ, ଆଜି ତାଙ୍କ ସହ କାମ କରିବା ଏବଂ ତାଙ୍କୁ ଜଣେ ନିକଟତର ବନ୍ଧୁ ଭାବେ ପାଇବା ତାଙ୍କ ପାଇଁ ଏକ ବଡ଼ ସୌଭାଗ୍ୟର ବିଷୟ ।





# କାନ୍ଦେ ଚାଷୀଭାଇ

ଲାଜେ ଲାଜେ ମେଘ ଓଢଣା ଟାଣି
ବିଳମ୍ବେ ଆସିଲୁ ବରଷା ରାଣୀ ।
ସ୍ଥାବର ଜଙ୍ଗମଙ୍କ ମନ ଜାଣି
ତୋ ଇଚ୍ଛାରେ ବର୍ଷୁଥିଲୁ ତୁ ପାଣି ।
ତୋ ଯୋଗୁ ସୁଖ ଢ଼େଉ ଚାଷୀ ମନେ
ଖେଳୁଥିଲା ଯେତେ ସେ ଏକା ଜାଣେ ।
ଶୁଖିଲା କ୍ଷେତେ ତୋର ଜଳ ଧାରା
ଫୁଟାଉ ଥିଲା ହସ କେତେ ପରା ।
ଆନନ୍ଦ ମନେ ରୋଇବା ସେ ସାରି
ଅସୁମାରୀ ଆଶା ଥିଲାଟି ଭରି ।
ମାତ୍ର ତୁ ମୂଷଳ ଧାରା ବର୍ଷା କରି
ସପନକୁ ତାର ଦେଲୁ ତୁ ମାରି ।
ଅଚାନକେ ନଈରେ ବନ୍ୟା ଆସି
ଫସଲ ସଙ୍ଗେ ସୁଖ ଗଲା ଭାସି ।
ଘର ଦୁଆର ନଦୀ ନାଳ ବାଟ
ଚାରିଆଡ଼େ ତୁତ କଲୁରେ ନାଟ ।
ଧନ ଜୀବନ ହନ୍ତସନ୍ତ ହୋଇ
ଆଶ୍ରା ଖୋଜନ୍ତି ଏଣେ ତେଣେ ଯାଇ ।
ବନ୍ୟା ବିପନ୍ନଙ୍କ ଦୁର୍ଦ୍ଦଶା ଦେଖି
ଦୁଖେ ଭିଜିଯାଏ ସବୁରି ଆଖି ।
ସବୁଠୁ ବଳେ ଚାଷୀ ଭାଇ କଥା
କିଏ ବୁଝିବ ତା ମନର ବ୍ୟଥା ।
ଆହାର ଯୋଗାଏ ଜଗତେ ଯିଏ
ତା ଉଜୁଡ଼ା ସ୍ୱପ୍ନ ଭରିବ କିଏ ।

**ସୁଧାକର ରାଉତ**
ପ୍ରତାପ ନଗରୀ, କଟକ
ମୋ: ୮୨୪୯ ୯୩୨୭ ୯୨

# ଭୋଦେଇ ଖରା

ଭୋଦେଇ ଖରା ଭୋଦେଇ ଖରା
ଯାଆରେ ପଡ଼ି ଯାଆ
ଝଲମଲ କରଇ ସିଏ
ଦେଖି କହିବେ ମାଆ ।
ଏଇ ଖରାଟି ନୁହେଁ କଅଁଳ
ଲାଗେ ଉଷୁମ ପରା
ଚାଷୀର ବେଉଷଣ କାମକୁ
ଲୋଡ଼ା ଭୋଦେଇ ଖରା ।
ଏ ଖରା ଦେଖି ପିଲାଦିନର
କଥା ମୋ ମନେ ପଡ଼େ
ଭାବନା ରାଇଜରେ ମୁଁ ଘୂରେ
ଆଖରୁ ଲୁହ ଗଡ଼େ ।
ଭୋଦୁଅ ମାସ ଆସିଲେ ଆଈ
ପେଡ଼ିରୁ ଲୁଗା ଆଣି
ଶୁଖାଉ ଥିଲା ସେଇ ଖରାରେ
ଦଉଡ଼ିଟିଏ ଟାଣି ।
ବଢ଼ିବ ପେଡ଼ିଲୁଗାର ଆୟୁ
ଜୀବାଣୁ ଯିବେ ମରି
ଆମରି ଆଗେ କହୁଥିଲେ ତ
ଆଈ ତ ଏହିପରି ।
ନାହାନ୍ତି ଆଈ, ଭୋଦେଇ ଖରା
ଯେବେରେ ଆଜି ପଡ଼େ
ପୁରୁଣା ଦିନ କଥାଟି ଭାବି
ଆଖିରୁ ଲୁହ ଗଡ଼େ ।

**ନୀଳମଣି ଚାନ୍ଦ**
ମନ୍ତ୍ର ମାନୋର, ଗୋଠପାଟଣା,
ଭୁବନେଶ୍ୱର
ମୋ: ୯୫୮ ୩୨୦୨୩୫୭

# ଗୁରୁକୁଳ



ଗୁରୁ ସମାଜର ଶୁଭ ଚିନ୍ତକ
ଦେଶ ନିର୍ମାଣେ ପ୍ରଚ୍ଛନ୍ନ ହାତ
ତେଜି ଜୀବନେ ଭୋଗ ବିଳାସ
ଶିଷ୍ୟ ହୁଅନ୍ତି ଦକ୍ଷ ସୁଯୋଗ୍ୟ ॥
ତାଙ୍କ ପ୍ରୟାସେ ଦେଶ ସମୃଦ୍ଧ
ମନେପଡନ୍ତି ସୁଯୋଗ୍ୟ ଶିଷ୍ୟ
ଶିବାଜୀ, ବିବେକାନନ୍ଦ , ଅର୍ଜୁନ
କୃଷ୍ଣ, ସୁଦାମା, କର୍ଣ୍ଣ,ବଳରାମ ॥
ସର୍ବପଲ୍ଲୀ ରାଧାକ୍ରିଷ୍ଣନ ଆଦର୍ଶ ଶିକ୍ଷକ
ତାଙ୍କ ଜନ୍ମ ଦିନେ ପାଳୁ ଗୁରୁ ଦିବସ
ସମର୍ଥ ରାମଦାସ, ଦ୍ରୋଣାଚାର୍ଯ୍ୟ
ସାନ୍ଦିପର୍ଣି, ପଞ୍ଚସଖା ସତ୍ୟବାଦୀର
ଅନେକ ପ୍ରଖ୍ୟାତ ଗୁରୁ ଆମର ॥
ସେମାନଙ୍କ ପ୍ରେମ, ତ୍ୟାଗ, ସାଧନା
ଭୁଲିନି ଏ ଦେଶ ଗୁଣ ଗରିମା
ଜନ୍ମମାଟିର ଜାଗ୍ରତ ପ୍ରହରୀ
ଚିନ୍ତା ସଦା ତାଙ୍କ ଜନମମାଟି ॥
ଶିଷ୍ୟ ହୁଏ ବୀର ସାହସୀ
ସ୍ୱାଭିମାନୀ, ଦେଶପ୍ରେମୀ
ଜୀବନ ଦେବାକୁ ପଛାଏ ନାହିଁ
ମାତୃଭୂମିର ସୁରକ୍ଷା ପାଇଁ ॥
ଦେଶପ୍ରେମର ମଞ୍ଜି ବୁଣି
ଶତ୍ରୁଙ୍କୁ ପାରିଥାନ୍ତି ଜିଣି
ତାଙ୍କ ସଫଳତାରେ ଗୁରୁ ଖୁସି
ଆଶିଷ କେତେ ! ଦିଅନ୍ତି ବରଷି ॥
ଗୁରୁ ଶିଷ୍ୟର ସମ୍ପର୍କ ମହକ
ନାହିଁ ଗୁରୁକୁଳ ପୂର୍ବର ଚମକ
ଅଛି ସମୟ ରୂପ ନେଉ ଗୁରୁକୁଳ
ଜାଗ୍ରତ ଆମେ ଦେଶର ମଙ୍ଗଳ ॥

**ଚିତ୍ତରଞ୍ଜନ ମହାନ୍ତି**
ତଗିରା, ରାଣୀତାଲ୍, ଭଦ୍ରକ
ମୋ: ୯୪୩୮ ୬୭୦୧୫୦

# ବଉଳା କୁମ୍ଭୀର

ବଉଳା କୁମ୍ଭୀରର ଆତ୍ମକାହାଣୀ
କୁନା କୁନି ଏଥର ଶୁଣିବା
ଏମନ୍ତ ପ୍ରାଣୀର ଚତୁର ପ୍ରବୃତ୍ତି
ସରଳ ଭାବରେ ଜାଣିନେବା ॥
ଶତାଧିକ ଆୟୁ ଅଟେ ବଉଳାର
ସବଳ ଶରୀର ଭାରି ତା'ର
କଣ୍ଟାଳିଆ ପିଠି ଶକତ ଲାଞ୍ଜଟି
ନରମ ପେଟ ଧୋବ ଫରଫର ॥
ତିନିଟି ପ୍ରଜାତି ଥଣ୍ଟିଆ ବଉଳା
ଭୟଙ୍କର ଅତି ଘଡିଆଳ
ଜଳରେ ତ୍ରିଶକ୍ତି ସବୁଠାରୁ ବଳି
ବାଘ ସିଂହଠାରୁ ବଳିଆର ॥
ଜ୍ୟୋଷ୍ଠରୁ ଆଷାଢ଼ ପ୍ରଜନନ ପାଇଁ
ବସା ବାନ୍ଧିବା ତା'ର ସମୟ
ଅଣ୍ଡା ଦେବାପରେ ମାଆ କୁମ୍ଭୀରଟି
ହୁଏ ଅତି ସେହି ହିଂସ୍ର ପ୍ରାୟ ॥
ଅଣ୍ଡା ସୁରକ୍ଷିତ ରଖିବା ପାଇଁକି
କାଠିକୁଟା ଢ଼ାଙ୍କିଦିଏ ଆଣି
ପଞ୍ଚସ୍ତରି ଦିନ ମଧ୍ୟରେ ଅଣ୍ଡାରୁ
ଶାବକ ଜନ୍ମାଏ ଗଣିଗଣି ॥
ଏକ ପ୍ରଜନନ ଋତୁରେ ସମ୍ଭବ
ଅଣ୍ଡା ଚାଳିଶରୁ ଷାଠିଏଟି
ଉଚ୍ଚ ସ୍ଥାନଦେଖି ନଦୀ ଉପକୂଳ
ଦେଇଥାଏ ଏହି କୁମ୍ଭୀରଟି ॥
ଭିତରକନିକା ଜାତୀୟ ଉଦ୍ୟାନେ
ସ୍ୱତନ୍ତ୍ର ଭାବରେ ବ୍ୟବସ୍ଥିତ
ପ୍ରଜନନ ପ୍ରତିପାଳନ କେନ୍ଦ୍ରଟି
ଡାଙ୍ଗମାଳଠାରେ ପ୍ରତିଷ୍ଠିତ ॥

**ଅମରନାଥ ବାରିକ**
କୟାଁ, ମଙ୍ଗଳପୁର, ଯାଜପୁର
ମୋ: ୯୫୪୦୩୦୮୦୯୫

# ସତର୍କ ହୋଇବା ସୁସ୍ଥ ରହିବା

ତାକ୍ ଧିନା ଧିନ୍ ଧିନିକି ଧିନା
ବାହାର ଜିନିଷ ଖାଇବା ମନା
ଆସିଛି ବରଷା ଦିନ,
ଯାହା ତୁମ ଇଚ୍ଛା ଘରେ କରି ଖାଅ
ହୋଇ ଅଛି ଯେବେ ମନ ॥
ଖାଇବା ଆଗରୁ ଧୋଇବ ହାତ
ଗରମ ଗରମ ଖାଇବ ଭାତ
ବସାଇ ନ ଦେବ ମାଛି,
ଖାଇବା ଜିନିଷ ଘୋଡାଇ ରଖିବ
ରହିଲେ ଅଳପ କିଛି ॥
ପଣ ପଣ ମାଛି ଭଣର ଭଣ
ରୋଗର ବାହକ ସଭିଏଁ ଜାଣ
ଅସନା ଜାଗାରେ ବସି,
ବହି ଆଣନ୍ତି ସେ ଗୋଡ଼ରେ ଜୀବାଣୁ
ଆଖିକୁ ନ ଥାଏ ଦିଶି ॥
ବରଷା ଦିନରେ ମଶା କାମୁଡା
ଶରୀରକୁ ଆମ ଦିଅଇ ପୀଡ଼ା
ହୁଏ ମ୍ୟାଲେରିଆ ଜ୍ୱର,
ମଶାରୀ ଟଙ୍ଗାଇ ଶୋଇଲେ ଆମେରେ
ନଥିବ ସେଥିକୁ ଡର ॥
ସଭିଙ୍କୁ ସତର୍କ କରିବା ଆମେ
ଲଗାଇଲେ ତାହା ନିଜର କାମେ
କେହି ନ ଭୋଗିବେ କଷ୍ଟ,
କଥା ମାନି ଆମେ ନିଜ କାମ କଲେ
ନହେବ ଜୀବନ ନଷ୍ଟ ॥
ଆମ ପରିବେଶ କେଡେ ସୁନ୍ଦର
ରଖିବା ତାହାକୁ ସଫା ସୁତର
ନିଜର ସମୟ ଦେଇ,
ଘର ଚାରିପାଖ କଲେ ପରିଷ୍କାର
ରୋଗ ରହିବ ଦୂରେଇ ॥

**ପ୍ରଫୁଲ୍ଲ କୁମାର ସାହୁ**
ଶକ୍ତି ବିହାର, ବାଲିପଡ଼ା, ମାହାଙ୍ଗା, କଟକ
ମୋ: ୭୬୦୯୦୪୪୩୮୩



# କ୍ୟାନ୍ସର ଇଞ୍ଜେକ୍ସନରେ ପାଣି

ଦିଲ୍ଲୀ କ୍ରାଇମବ୍ରାଞ୍ଚର ତଦନ୍ତରୁ ଜଣାପଡ଼ିଛି ଯେ ଦିଲ୍ଲୀର କଳା ବଜାରରେ ୧ ଲକ୍ଷ ଟଙ୍କାରେ ବିକ୍ରି ହେଉଥିବା 'ଏଭେଲୁମବ' ଇଞ୍ଜେକ୍ସନରେ ନିରଳା ପାଣି ଭର୍ତ୍ତି ହୋଇଛି। ଦେଶର ସାତଟି ରାଜ୍ୟରେ ଏହି ନକଲି ଔଷଧର କାରବାର ହେଉଥିବା ଓ ବିଭିନ୍ନ ହସ୍ପିଟାଲ ଓ ସରକାରୀ ଯୋଗାଣ କରାଯାଉଥିବା ସ୍ଥାନରୁ ଅସଲି ଔଷଧକୁ ହଡପ କରାଯାଇ ସେ ସ୍ଥାନରେ ଏହି ନକଲି ଔଷଧକୁ ବ୍ୟବସ୍ଥାପିତ କରାଯାଉଥିବାର ପୋଲିସ ସ୍ପଷ୍ଟ କରିଛି।

ଦିଲ୍ଲୀ ପୋଲିସର କହିବାନୁସାରେ ରୋଗୀମାନେ ଦିଲ୍ଲୀର କଳା ବଜାରରୁ ପ୍ରାୟ ୧ ଲକ୍ଷ ଟଙ୍କାରେ ଯେଉଁ ଏଭେଲୁମବ ଇଞ୍ଜେକ୍ସନ କିଣୁଛନ୍ତି, ସେଥିରେ ଖାଲି ପାଣି ଭର୍ତ୍ତି କରାଯାଇଥିଲା। ଜର୍ମାନ ମର୍କ ଲ୍ୟାବରେ କରାଯାଇଥିବା ଏକ ପରୀକ୍ଷଣରୁ ଜଣାପଡିଛି ଏହି ଇଞ୍ଜେକସନରେ କାଣିଚାଏ ହେଲେ କର୍କଟ ରୋଗ ପ୍ରତିରୋଧୀ ଉପାଦାନ ନାହିଁ। ଏହାଛଡ଼ା ରାଜସ୍ଥାନ ସରକାରଙ୍କ ଯୋଜନା ଅଧୀନରେ କର୍କଟ ରୋଗୀଙ୍କୁ ଯୋଗାଇ ଦିଆଯାଇଥିବା ଔଷଧ ମଧ୍ୟ କଳା ବଜାରରେ ବିକ୍ରି ହେଉଛି। କ୍ରାଇମବ୍ରାଞ୍ଚ ଅଗଷ୍ଟ ୨୦ ତାରିଖରେ ସାତଟି ରାଜ୍ୟରେ ବ୍ୟାପିଥିବା ପ୍ରାୟ ୯ କୋଟି ଟଙ୍କାର ଏହି କଥିତ ରାକେଟର ପର୍ଦ୍ଦାଫାସ କରିଛି। ଏହି ମାମଲାରେ ୧୭ ଜଣଙ୍କୁ ଗିରଫ କରାଯାଇଛି। ପୋଲିସ ୫୮୮ଟି ଭର୍ତ୍ତି କ୍ୟାନସର ଆଣ୍ଟି ଭାଏଲ, ୬ଟି ଖାଲି ଭାଏଲ, ୭ଟି ଖାଲି ଔଷଧ ବାକ୍ସ, ୩୦୨୧ ୟୁନିଟ୍ ଅନ୍ୟାନ୍ୟ ଔଷଧ ଏବଂ ପ୍ରାୟ ୫୦ ଲକ୍ଷ ଟଙ୍କା ନଗଦ ଜବତ କରିଛି। ଏଥିରେ ଡାର୍ଜାଲେକ୍ସ, ଇମ୍ଫିଞ୍ଜି, ଏର୍ବିଟକ୍ସ, ଓପଡିଟା, ଗାଜିଭା, ବାଭେନସିଓ, ଆଡସେଟ୍ରିସ୍ ଭଳି ମହଙ୍ଗା କର୍କଟ ଔଷଧ ସାମିଲ ରହିଛି।

ଏହି ଗ୍ୟାଙ୍ଗର ନେଟୱାର୍କ ଦିଲ୍ଲୀ-ଏନସିଆର, ମୁମ୍ବାଇ, ହାଇଦ୍ରାବାଦ, ହରିୟାଣା, ଉତ୍ତର ପ୍ରଦେଶ ଏବଂ ଅନ୍ୟାନ୍ୟ ଅଞ୍ଚଳକୁ ବ୍ୟାପିଥିବା ସୂଚନା ମିଳିବା ପରେ ପୂର୍ବ ଦିଲ୍ଲୀ, ରୋହିଣୀ ଏବଂ ମୁମ୍ବାଇରେ ସନ୍ଦେହଜନକ ସ୍ଥାନ ଚିହ୍ନଟ କରାଯାଇ ଡ୍ରଗ୍ସ ବିଭାଗ ଏବଂ ସ୍ଥାନୀୟ ପୋଲିସ ସହିତ ସାତଟି ଦଳ ଦିଲ୍ଲୀ ଏବଂ ନଭି ମୁମ୍ବାଇର ବିଭିନ୍ନ ସ୍ଥାନରେ ଚଢାଉ କରିଥିଲେ। ଏଥିରେ ୧୭ ଜଣଙ୍କୁ ଗିରଫ କରାଯାଇଥିଲା।

## କେମିତି ଥିଲା ସିଣ୍ଡିକେଟର କାରବାର

ପୋଲିସ ଅନୁଯାୟୀ, ଅବୈଧ ଉତ୍ସରୁ କିଣାଯାଇଥିବା ନକଲି ଔଷଧ, ଡାକ୍ତରଖାନାଗୁଡ଼ିକରେ କର୍କଟ ରୋଗୀଙ୍କ ପାଇଁ ଉଦ୍ଦିଷ୍ଟ ଔଷଧର

**କ୍ୟାନ୍ସର ଭଳି ଦୁରାରୋଗ ସହ ଲଢ଼େଇ କରୁଥିବା ରୋଗୀଙ୍କ ଜୀବନ ସହ ଭୟଙ୍କର ଖେଳ ଖେଳାଯାଉଥିବାର ଘଟଣା ସାମ୍ନାକୁ ଆସିଛି। ଦିଲ୍ଲୀ ସମେତ ଦେଶର ୭ ରାଜ୍ୟରେ କ୍ୟାନ୍ସର ରକ୍ଷାକାରୀ ଔଷଧ କୁହାଯାଉଥିବା 'ଏଭେଲୁମବ' ଇଞ୍ଜେକସନ୍ ଭିତରେ ନିରୁତା ପାଣି ଭର୍ତ୍ତି କରାଯାଇ ଏହାକୁ ୧ ଲକ୍ଷ ଟଙ୍କାରେ ବିକ୍ରି କରାଯାଉଥିବାର ବିଷୟ ସମସ୍ତଙ୍କୁ ଚକିତ କରିଛି...**

ଅପବ୍ୟବହାର ଓ ସରକାରୀ ପ୍ରତିଷ୍ଠାନ ଏବଂ ଗୋଦାମରୁ ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଇଥିବା ଔଷଧକୁ ହଟାଯାଇ ଏହି ନକଲି ଔଷଧକୁ ରିପ୍ଲେସ କରାଯାଉଥିଲା। ଏହି ନକଲି ଔଷଧଗୁଡ଼ିକର ବୈଧ ବିଲ୍, କ୍ରୟ ରେକର୍ଡ, ଔଷଧ ଲାଇସେନ୍ସ କିମ୍ବା ଅନ୍ୟାନ୍ୟ ଆବଶ୍ୟକୀୟ କାଗଜପତ୍ର କରି ବିଭିନ୍ନ ସ୍ଥାନରେ ସଂରକ୍ଷଣ କରାଯାଉଥିଲା। ପରେ ଏହାକୁ ଚତୁରତାର ସହ ମାର୍କେଟକୁ ପଠାଯାଉଥିଲା।

## ରିପ୍ୟାକିଂ ଖେଳ

ଏହି ଗ୍ୟାଙ୍ଗର ସଦସ୍ୟମାନେ ପ୍ରକୃତ ଔଷଧ ପ୍ୟାକିଂ କାର୍ଟୁନ, ଖାଲି ବାକ୍ସ ସଂଗ୍ରହ କରି ଆସିଟୋନ ଭଳି ରାସାୟନିକ ପଦାର୍ଥ ଦ୍ୱାରା ଅସଲି ବ୍ୟାଚ୍ ନମ୍ବର, ଏମଆରପି ଏବଂ ଚିହ୍ନଟ ସୂଚନାକୁ ଲିଭାଇ ଦେଉଥିଲେ। ତା'ପରେ ଥର୍ମୋକୁଲ୍ ବାକ୍ସ, ବବଲ୍ ରୋଲ୍, ଟେପ୍ ଏବଂ ପଲିଥିନ୍ ବ୍ୟବହାର କରି ନୂତନ ପ୍ୟାକେଜିଂ ପ୍ରସ୍ତୁତ କରାଯାଇଥିଲା। ପୋଲିସ ଡ୍ରଗ୍ସ ଏବଂ ନଗଦ କାରବାର ସହିତ ଜଡିତ ରେଜିଷ୍ଟର ଏବଂ ଡାଏରୀ ଜବତ କରିବା ପରେ ଏହି ପ୍ୟାକେଜିଂର ମାଷ୍ଟରମାଇଣ୍ଡ କୁହାଯାଉଥିବା ଅଭିଷେକ ବୈଶ, ଶୁଭମ୍ କୁମାର ଚୌଧୁରୀ ଏବଂ ସୂରଜ ଚୌଧୁରୀଙ୍କୁ ଗିରଫ କରିଥିଲା। ଅଭିଷେକ ୨୦୨୨ରୁ ଔଷଧ କ୍ରୟ ଏବଂ ଯୋଗାଣରେ ଜଡିତ ଥିଲେ। ତାଙ୍କଠାରୁ ୪ ଲକ୍ଷ ଟଙ୍କା ଜବତ ହୋଇଥିବା ବେଳେ ଶୁଭମଙ୍କଠାରୁ ୨୩ ଲକ୍ଷ ଟଙ୍କା ମିଳିଥିଲା।

## ପୂରା ଦେଶରେ ନେଟୱର୍କ

ଦିଲ୍ଲୀ ବ୍ୟତୀତ, ନୋଏଡା, ଗୁରୁଗ୍ରାମ, ଗାଜିଆବାଦ, ଝାଜ୍ଜର, ଫରିଦାବାଦ, ମୁମ୍ବାଇ ଏବଂ ହାଇଦ୍ରାବାଦର ଲୋକମାନେ ମଧ୍ୟ ଏହି ନେଟୱାର୍କରେ ସାମିଲ ଥିବା କୁହାଯାଉଛି। ନୋଏଡାର ଆନନ୍ଦ କୁମାରଙ୍କଠାରୁ ୩୩୭ଟି କ୍ୟାନସର ପ୍ରତିରୋଧୀ ଭାଏଲ, ଫରିଦାବାଦର ଦୀପକ ଓରଫ ରବିଙ୍କଠାରୁ ୧୦୮ଟି ଭାଏଲ ଏବଂ ୬.୫ ଲକ୍ଷ ଟଙ୍କା ଉଦ୍ଧାର କରାଯାଇବା ବେଳେ ଗୁରୁଗ୍ରାମର ମୟଙ୍କ ଗର୍ଗଙ୍କଠାରୁ ୫୫ଟି ଭାଏଲ ଉଦ୍ଧାର କରାଯାଇଥିଲା। ତେବେ ତଦନ୍ତର କେନ୍ଦ୍ରବିନ୍ଦୁ ଏବେ ଡାକ୍ତର ମନୀଷ ଶର୍ମାଙ୍କ ଉପରେ ରହିଛି। ତେବେ ପୋଲିସ ଏବେ ସମ୍ପୂର୍ଣ୍ଣ ର୍ୟାକେଟ ଓ ଅବୈଧ ପାଣ୍ଠି ଖୋଳତାଡ଼ ଜାରିରଖିଛି। ଅନ୍ୟପକ୍ଷରେ ଔଷଧର ପ୍ରକୃତ ଉତ୍ସ କ'ଣ ଥିଲା, ଏହି ଯୋଗାଣ ଶୃଙ୍ଖଳରେ କିଏ ସାମିଲ ଥିଲେ ଏବଂ ଇଣ୍ଡିଆମାର୍ଟ ମାଧ୍ୟମରେ ଦେଶବ୍ୟାପୀ ସେମାନଙ୍କର ଯୋଗାଣର ନେଟୱାର୍କ ସମ୍ପର୍କରେ ଜାଣିବାକୁ ଚେଷ୍ଟା କରୁଛି। ଏବେ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି, କେତେ ଦିନ ଧରି ଏହି ନକଲି ଔଷଧ ରୋଗୀଙ୍କୁ ଯୋଗାଇ ଦିଆଯାଉଥିଲା ଓ ଏଥିରେ ଆଉ କେତେ ଲୋକ ସାମିଲ ଅଛନ୍ତି ଓ ମନୀଷ ଶର୍ମାଙ୍କ ପରେ ପୂରା କାଣ୍ଡର ମାଷ୍ଟରମାଇଣ୍ଡ କିଏ ରହିଛି ?



**ଆଜିକାଲି ଏଆଇର ବ୍ୟବହାର ଖୁବ ଅଧିକ ବଢିବାରେ ଲାଗିଛି । ବିଭିନ୍ନ କ୍ଷେତ୍ରରେ ଏହାକୁ ଖୁବ ଭଲ ଉପାୟରେ ବ୍ୟବହାର କରାଯାଉଛି । ସେହିକ୍ରମରେ ଏକ ଏଭଳି ଏଆଇ ସିଷ୍ଟମର ଉଦ୍ଭାବନ ହୋଇଛି, ଯାହା ସୋଲାର ପ୍ୟାନେଲକୁ ସଫା କରିବା ପାଇଁ ବ୍ୟବହାର କରାଯିବ ।**

# ସୋଲାର ପ୍ୟାନେଲ ସଫା କରିବ ଏଆଇ

ଓଡ଼ିଶାର ଏନଆଇଟି ରୋଉରକେଲାର ଗବେଷକ ମାନେ ଏହି ସ୍ୱତନ୍ତ୍ର ବୈଷୟିକ ପ୍ରଣାଳୀକୁ ବିକଶିତ କରିଛନ୍ତି। ସୌର ଶକ୍ତିରୁ ସର୍ବାଧିକ ବିଦ୍ୟୁତ୍ ଉତ୍ପାଦନ ପାଇଁ ସୂର୍ଯ୍ୟକିରଣର ଆବଶ୍ୟକତା ରହିଛି । ମାତ୍ର ଭାରତର ବିଭିନ୍ନ ପ୍ରାନ୍ତରେ ଧୂଳି, ଝଡ଼, ପକ୍ଷୀଙ୍କ ମଳ ଏବଂ ପ୍ରଦୂଷଣ ଯୋଗୁଁ ସୌର ପ୍ୟାନେଲଗୁଡ଼ିକ ଶୀଘ୍ର ମଇଳା ହୋଇଯାଏ, ଯାହା ସୂର୍ଯ୍ୟକିରଣକୁ ଅବରୋଧ କରିଥାଏ । ଶୁଷ୍କ ଓ ଧୂଳିଆ ଅଞ୍ଚଳରେ ଅବସ୍ଥିତ ବଡ଼ ବଡ଼ ସୋଲାର ଫାର୍ମରେ ହଜାର ହଜାର ପ୍ୟାନେଲକୁ ସଫା ରଖିବା ଏକ ବଡ଼ ଆହ୍ୱାନ ପାଲଟିଥାଏ। ମଇଳା ଜମିବା ଦ୍ୱାରା ବିଦ୍ୟୁତ୍ ଉତ୍ପାଦନ କମିଯାଏ, ଏବଂ ନିୟମିତ ସଫେଇ ପାଇଁ ପ୍ରଚୁର ପାଣି ଓ ଅଧିକ ଶ୍ରମିକଙ୍କ ଆବଶ୍ୟକତା ପଡ଼ିଥାଏ । ଏହି ସମସ୍ୟାର ସମାଧାନ ପାଇଁ ଏନଆଇଟି ରୋଉରକେଲାର ଗବେଷକମାନେ ଏକ ଏଆଇ ଆଧାରିତ ପ୍ରଣାଳୀ ବିକଶିତ କରିଛନ୍ତି । ଏହି ବ୍ୟବସ୍ଥା ନିର୍ଦ୍ଦିଷ୍ଟ ଭାବେ କେଉଁ ପ୍ୟାନେଲ ସଫା ଦରକାର, ତାହା ଚିହ୍ନଟ କରି ସଫେଇ କାର୍ଯ୍ୟ କରିପାରିବ ।

## ଏଆଇ କହିବ ସଫା କେବେ ହେବ

ଏହି ପ୍ରଯୁକ୍ତିବିଦ୍ୟାକୁ ଏନଆଇଟି ରୋଉରକେଲାର କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ ବିଭାଗର ସହକାରୀ ଅଧ୍ୟାପକ ପ୍ରଫେସର ଅରୁଣ କୁମାର, ପ୍ରଫେସର ବିଭୂଦତ୍ତ ସାହୁ ଏବଂ ଗବେଷକ ଛାତ୍ରୀ ଡ. ଲୋପାମୁଦ୍ରା ହୋତା ଓ ଡ. ବିରଞ୍ଚି ପ୍ରସାଦ ନାୟକଙ୍କ ଦ୍ୱାରା ବିକଶିତ କରାଯାଇଥିବା ଜଣା ପଡିଛି। ଏହି ଗବେଷକ ଦଳ "ଫେଡେରେଟେଡ୍ ଲର୍ଣ୍ଣିଂ-ବେସଡ୍ ଅଟୋନୋମସ୍ ସିଷ୍ଟମ୍ ଆଣ୍ଡ ମେଥଡ୍ ଫୋର୍ ମୋନିଟରିଂ ଆଣ୍ଡ କ୍ଲିନିଂ ସୋଲାର ପ୍ଲାଣ୍ଟ" ଶୀର୍ଷକ ଏକ ଭାରତୀୟ ପେଟେଣ୍ଟ ହାସଲ କରିଛନ୍ତି । ଏହି ଏଆଇ ସିଷ୍ଟମ, ଫେଡେରେଟେଡ୍ ଲର୍ଣ୍ଣିଂ ଏବଂ ସ୍ୱୟଂଚାଳିତ ସଫେଇ ବ୍ୟବସ୍ଥାକୁ ଏକାଠି କରି ସୋଲାର ପ୍ଲାଣ୍ଟଗୁଡ଼ିକର ଜଳ ବ୍ୟବହାର, ଶ୍ରମ ଓ ରକ୍ଷଣାବେକ୍ଷଣ ଖର୍ଚ୍ଚ କମାଇବାରେ ସାହାଯ୍ୟ କରେ। ଭାରତରେ ସୋଲାର ପାୱାର କ୍ଷମତା ବୃଦ୍ଧି ପାଉଥିବା ବେଳେ ଏହି ସମସ୍ୟାର ସମାଧାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି । ଗବେଷକଙ୍କ ଅନୁଯାୟୀ, ଶୁଷ୍କ ଓ ଧୂଳିଆ ଅଞ୍ଚଳରେ ଧୂଳି, ପକ୍ଷୀଙ୍କ ମଳ ଓ ଶିଳ୍ପ ପ୍ରଦୂଷଣ ଯୋଗୁଁ ସୋଲାର ଫାର୍ମଗୁଡ଼ିକ ପ୍ରାୟ ୪୦% ପର୍ଯ୍ୟନ୍ତ ଶକ୍ତି ଉତ୍ପାଦନ ହରାଉଛନ୍ତି ।

## ସଫା କରିବା ବଡ଼ ଆହ୍ୱାନ


ବର୍ତ୍ତମାନର ଅନେକ ବ୍ୟବସ୍ଥା ଶ୍ରମିକ ଓ ପାଣି ଉପରେ ଅଧିକ ନିର୍ଭରଶୀଳ। ଏହାସହ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ସବୁ ପ୍ୟାନେଲକୁ ସଫା କରାଯାଏ । ଏହାଦ୍ୱାରା ଭଲ କାମ କରୁଥିବା ପ୍ୟାନେଲ ପଛରେ ମଧ୍ୟ ସମୟ, ଅର୍ଥ ଓ ପାଣି ନଷ୍ଟ ହୋଇଥାଏ । ଏନ୍ଆଇଟି ରାଉରକେଲା ଦଳ ବିକଶିତ କରିଥିବା ଏହି ଏଆଇ ବ୍ୟବସ୍ଥା ସୋଲାର ପ୍ୟାନେଲର ସ୍ଥିତିକୁ କ୍ରମାଗତ ଭାବେ ଯାଞ୍ଚ କରିଥାଏ । ଏହା ତ୍ରୁଟି ଚିହ୍ନଟ କରିବା ସହ ରିଅଲ୍-ଟାଇମ୍ ସ୍ଥିତି ଅଧ୍ୟୟନ କରି କେଉଁ ପ୍ୟାନେଲ ସଫା ଦରକାର ତାହା ସୁପାରିଶ କରେ । ଫଳରେ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ପୁରା ଫାର୍ମ ସଫା କରିବା ପରିବର୍ତ୍ତେ, କେବଳ ପ୍ରଭାବିତ ପ୍ୟାନେଲଗୁଡ଼ିକ ଉପରେ ଧ୍ୟାନ ଦିଆଯାଇପାରିବ। ଏହି ବ୍ୟବସ୍ଥା 'ଫେଡେରେଟେଡ୍ ଲର୍ଣ୍ଣିଂ' ନାମକ ଏକ ଏଆଇ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରେ । ସରଳ ଭାଷାରେ, ଫେଡେରେଟେଡ୍ ଲର୍ଣ୍ଣିଂ ବିଭିନ୍ନ ଡିଭାଇସକୁ ସେମାନଙ୍କର ମୂଳ ତଥ୍ୟ ଗୋଟିଏ କେନ୍ଦ୍ରୀୟ ସର୍ଭରକୁ ନପଠାଇ ମଧ୍ୟ ଶିଖିବାରେ ସାହାଯ୍ୟ କରେ। ଏହି ପ୍ରଯୁକ୍ତିବିଦ୍ୟାକୁ ବର୍ତ୍ତମାନ ସିମୁଲେସନ୍ ମାଧ୍ୟମରେ ପରୀକ୍ଷା କରାଯାଇଛି ଏବଂ ଏହା 'ଟେକ୍ନୋଲୋଜି ରେଡିନେସ୍ ଲେଭଲ୍ ୩' ସ୍ତରରେ ଅଛି, ଅର୍ଥାତ୍ ନିୟନ୍ତ୍ରିତ ପରୀକ୍ଷାଗାର ପରିବେଶରେ ଏହାର ପ୍ରାଥମିକ ସଫଳତା ପ୍ରମାଣିତ ହୋଇଛି ।

## ତଥ୍ୟ ସୁରକ୍ଷିତ

ଏହି ବ୍ୟବସ୍ଥାର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଡାଟା ସୁରକ୍ଷା । ସାଧାରଣ ଏଆଇ ସିଷ୍ଟମ୍‌ଗୁଡ଼ିକ ବିଭିନ୍ନ ସ୍ଥାନରୁ ମୂଳ ତଥ୍ୟ ସଂଗ୍ରହ କରି ସର୍ଭରକୁ ପଠାଇଥାନ୍ତି । ମାତ୍ର ଏନଆଇଟି ରାଉରକେଲାର ଏହି ସିଷ୍ଟମ୍ ଭିନ୍ନ । ଏହା ଫେଡେରେଟେଡ୍ ଲର୍ଣ୍ଣିଂ ଆର୍କିଟେକ୍ଚର ବ୍ୟବହାର କରେ, ଯେଉଁଠାରେ ମୂଳ ଡାଟା ପରିବର୍ତ୍ତେ କେବଳ ଏନ୍କ୍ରିପ୍ଟେଡ୍ ସୂଚନା ସେୟାର କରାଯାଏ । ଗବେଷକଙ୍କ ମତରେ, ଏହାଦ୍ୱାରା ଡାଟା ଗୋପନୀୟତା, ସାଇବର ସୁରକ୍ଷା ଏବଂ ଇଣ୍ଟରନେଟ୍ ବ୍ୟାଣ୍ଡୱିଡଥ୍‌ର ସମସ୍ୟା ଦୂର ହେବ ଏବଂ ବଡ଼ ସୋଲାର ପ୍ରକଳ୍ପଗୁଡ଼ିକରେ ଏହା ସହଜରେ ବ୍ୟବହୃତ ହୋଇପାରିବ ।

## କେଉଁଠି ହେବ ବ୍ୟବହାର

ଗବେଷକଙ୍କ ଅନୁଯାୟୀ, ଏହି ସିଷ୍ଟମ୍ ବିଭିନ୍ନ ପ୍ରକାରର ସୋଲାର ପ୍ରକଳ୍ପରେ କାର୍ଯ୍ୟ କରିପାରିବ । ଏଥିମଧ୍ୟରେ ବୃହତ୍ ୟୁଟିଲିଟି-ସ୍କେଲ୍ ସୋଲାର ପ୍ଲାଣ୍ଟ, ଭାସମାନ ସୋଲାର ଫାର୍ମ, ଛାତ ଉପରେ ଥିବା ସୋଲାର ସିଷ୍ଟମ୍, ଶିଳ୍ପାଞ୍ଚଳ ସୋଲାର ପାର୍କ, ସ୍ମାର୍ଟ ସିଟି, ଶକ୍ତି ଭିତ୍ତିଭୂମି, ପ୍ରତିରକ୍ଷା ପ୍ରତିଷ୍ଠାନ ଏବଂ ଦୁର୍ଗମ ଅଞ୍ଚଳରେ ଥିବା ଅଫ୍-ଗ୍ରିଡ୍ ଅକ୍ଷୟ ଶକ୍ତି ପ୍ରକଳ୍ପ ସାମିଲ । ଏହି ପ୍ରଯୁକ୍ତିବିଦ୍ୟା ଉଭୟ ବଡ଼ ଶକ୍ତି ଉତ୍ପାଦନକାରୀ ଏବଂ ଛୋଟ ଅକ୍ଷୟ ଶକ୍ତି ନେଟୱାର୍କ ପାଇଁ ରକ୍ଷଣାବେକ୍ଷଣ ଖର୍ଚ୍ଚ କମାଇବାରେ ସାହାଯ୍ୟ କରିବବୋଲି ଆଶା ରଖା ଯାଇଛି । ଗବେଷକମାନେ ବିଶ୍ୱାସ କରନ୍ତି ଯେ ଏହି ପ୍ରଯୁକ୍ତିବିଦ୍ୟା ସୋଲାର ପ୍ୟାନେଲ ରକ୍ଷଣାବେକ୍ଷଣ ଖର୍ଚ୍ଚ ଯଥେଷ୍ଟ ହ୍ରାସ କରିବ । ଏହି ସିଷ୍ଟମ୍ ଅନେକ ଏଆଇ କାର୍ଯ୍ୟକୁ ଏକାଠି କରୁଥିବାରୁ ମନିଟରିଂ, ନିଷ୍ପତ୍ତି ଗ୍ରହଣ ଏବଂ ସଫେଇ ସ୍ୱୟଂଚାଳିତ ଭାବେ ହୋଇପାରିବ । ବଡ଼ ଆକାରରେ ବ୍ୟବହୃତ ହେଲେ, ଏହି ସିଷ୍ଟମ୍ ବର୍ତ୍ତମାନର ଅନ୍ୟ ବ୍ୟବସ୍ଥା ତୁଳନାରେ ମାତ୍ର ୧୦% ଖର୍ଚ୍ଚରେ ସମାନ ସେବା ଯୋଗାଇଦେବ ବୋଲି ଗବେଷକମାନେ ଆଶା ପ୍ରକାଶ କରିଛନ୍ତି ।




# ଶିଶୁ ବୈଜ୍ଞାନିକ

ଗୋଟିଏ ବଡ ଜଙ୍ଗଲରେ ସବୁଠୁ ଛୋଟ ମୂଷା 'ମିକୁ'ର ବୁଦ୍ଧିମତ୍ତା, ସୃଜନଶୀଳତା ଓ ସାହସିକତାକୁ ନେଇ ସାରା ଜଙ୍ଗଲରେ ଚର୍ଚ୍ଚାର ଚାଲିଛି । ମିକୁ ସଦାସର୍ବଦା ନୂଆ ନୂଆ ଜିନିଷ ତିଆରି କରିବାକୁ ଭଲପାଉଥିଲା । ଅନ୍ୟ ପଶୁପକ୍ଷୀମାନେ ଅଦରକାରୀ ଭାବି ଫିଙ୍ଗି ଦେଉଥିବା ପ୍ଲାଷ୍ଟିକ୍ ବୋତଲ, ଭଙ୍ଗା ଟିଣ କୋଟା, କାଚ ବୋତଲର ଠିପି, ସାଇକେଲ୍ ଚେନ୍ ଓ ପୁରୁଣା ତାରଗୁଡ଼ିକୁ ଅତ୍ୟନ୍ତ ଯତ୍ନର ସହ ନିଜ ଛୋଟ ଘରେ ସଂଗ୍ରହ କରି ରଖୁଥିଲା । ଯାହାକୁ ଦେଖି ଗାଁର ଅନ୍ୟ ଛୋଟ ଛୋଟ ପିଲାମାନେ ତାକୁ 'କବାଡ଼ିବାଲା' କହି ପରିହାସ କରୁଥିଲେ । ତେବେ ଗତ ସପ୍ତାହରେ ଜଙ୍ଗଲରେ ହୋଇଥିବା ଅପ୍ରତ୍ୟାଶିତ ଓ ଭୀଷଣ ଲଗାଣ ବର୍ଷା ହେତୁ ସବୁଆଡ଼େ ଆଣ୍ଠୁଏ ଉଚ୍ଚର ପାଣି ଜମିଯିବା ସହ ବୃକ୍ଷରାଜି ଭାଙ୍ଗିପଡ଼ିଥିଲା । ଯାହାଫଳରେ ସାନ ଚଢ଼େଇ 'ଚିକୁ' ଉଚ୍ଚ ଗଛର ନିଜ ଭଙ୍ଗା ବସାରେ ଅସହାୟ ଭାବେ ଫସି ରହିଥିଲା । ପାଣିର ପ୍ରବଳ ସ୍ରୋତ ଓ ବିପଜ୍ଜନକ ପରିସ୍ଥିତି ହେତୁ ଜଙ୍ଗଲର ବଡ଼ ବଡ଼ ପଶୁମାନେ ମଧ୍ୟ ତାକୁ ଉଦ୍ଧାର କରିବାକୁ ଆଗେଇ ଆସିବାକୁ ଭୟ କରୁଥିଲେ । ତେବେ ଏହି ସମୟରେ, ମିକୁ ଆଦୌ ଡର ନପ୍ରକାଶ କରି ନିଜ ଘରେ ବର୍ଜ୍ୟବସ୍ତୁରୁ ତିଆରି କରିଥିବା ଏକ ସ୍ୱତନ୍ତ୍ର ରିମୋଟ୍-ଚାଳିତ ରୋବୋଟ୍ 'ରୋବୋ-ବଡି'କୁ ବ୍ୟବହାର କରିଥିଲା । ମିକୁ ନିଜ ରୋବୋଟ୍ ମାଧ୍ୟମରେ ପ୍ରବଳ ପବନ ଓ ବର୍ଷାକୁ ଏଡ଼ାଇ ଗଛ ଉପରକୁ ଖାଦ୍ୟ, ସୁରକ୍ଷା ଫିତା ଓ ଏକ ଛୋଟ ଝୁଡ଼ି ପଠାଇ ଚିକୁକୁ ଅତ୍ୟନ୍ତ କୁଶଳତାର ସହ ସୁରକ୍ଷିତ ଭାବେ ତଳକୁ ଓହ୍ଲାଇ ଆଣିପାରିଥିଲା । ମିକୁର ଏହି ଅସାଧାରଣ ଜ୍ଞାନ ଓ ବୁଦ୍ଧିମତ୍ତା ଦେଖି ଜଙ୍ଗଲର ରାଜା 'ସିଂହରାଜ' ତାକୁ 'ଶ୍ରେଷ୍ଠ ଶିଶୁ ବୈଜ୍ଞାନିକ' ପୁରସ୍କାରରେ ସମ୍ମାନିତ କରିଥିଲେ । ତେଣୁ ସବୁବେଳେ ଉପସ୍ଥିତ ବୁଦ୍ଧି ରଖିବା ସହିତ ଆଖାପାଖରେ ମିଳୁଥିବା ସମସ୍ତ ଜିନିଷକୁ କିଭଳି ଉଚିତ୍ ମାର୍ଗରେ ବ୍ୟବହାର କରିହେବ ସେ ନେଇ କାର୍ଯ୍ୟ କରିବା ଆବଶ୍ୟକ ।

**ଆଈ ମା କାହାଣୀ ସବୁବେଳେ ଆମକୁ ଅନେକ କିଛି ଶିଖାଇଥାଏ । ଏହି ଗପ ଗୁଡ଼ିକରେ ମନୋରଞ୍ଜନ ସହିତ ଅନେକ ଶିକ୍ଷଣୀୟ କଥା ମଧ୍ୟ ଥାଏ, ଯାହା ଆମକୁ ଜୀବନରେ ଆଗକୁ ବଢ଼ିବାକୁ ସାହାଯ୍ୟ କରିଥାଏ ।**







# ପ୍ରଳୟ ପରେ...

ଅଗଷ୍ଟ ୨୬ ତାରିଖ ଥିଲା ନେପାଳ ପାଇଁ ଏକ ଭୟଙ୍କର ଦିନ। ସକାଳ ହେଉହେଉ କେହି କିଛି ବୁଝିବା ଆଗରୁ ପ୍ରକୃତି ଦେଖାଇଥିଲା ତାର କରାଳ ରୂପ । ନେପାଳ-ତିବ୍ବତ ସୀମାରେ ଅଚାନକ ଆସିଥିଲା ବିନାଶକାରୀ ବନ୍ୟା । ସକାଳ ପ୍ରାୟ ୯ଟା ବେଳେ ତିବ୍ବତର ଦିଗରୁ ଭୋଟେକୋଶୀ ନଦୀରେ ଦେଖାଦେଇଥିଲା ଅଚାନକ ବନ୍ୟା । ଏହାପରେ ଧୀରେଧୀରେ ନେପାଳର କିଛି ଅଂଶରେ ଦେଖିବାକୁ ମିଳିଥିଲା ଭୟଙ୍କର ବନ୍ୟା ପରିସ୍ଥିତି । ଏହି ବନ୍ୟାରେ ଶତାଧୀକ ଲୋକଙ୍କର ମୃତ୍ୟୁ ଘଟିଥିବାବେଳେ ନିଖୋଜଙ୍କ ସଂଖ୍ୟା ହଜାର ହଜାର । ଅନେକ ବଡବଡ ଅଟ୍ଟାଳିକା, ପାୱାର ପ୍ଲାଣ୍ଟ, ପୋଲ, ରାସ୍ତା, ଗାଡି, ଘର ଆଦିକୁ ପାଣିର ସୁଅରେ ଭାସୁଥିବାର ଦେଖିବାକୁ ମିଳିଥିଲା ।ଅନେକ ଗାଁ ଏହି ପାଣିରେ ଯେପରି ନିଶ୍ଚିହ୍ନ ହୋଇଯାଇଛି । ନେପାଳର ବନ୍ୟାଜଳର ସ୍ରୋତ ସୁନାମିର ପ୍ରଖର ସ୍ରୋତ ଭଳି ଥିଲା, ଯାହା ନିଜ ସହ ସବୁକିଛି ଭସାଇ ନେଇଯାଇଥିଲା । ୧୬ ହଜାର ଫୁଟ ଉଚ୍ଚରେ ଥିବା ହିମ ନଦୀ ତଳକୁ ଖସି ଘଟିଛି ଏଭଳି ଭୟଙ୍କର ପରିସ୍ଥିତି । ତେବେ ଏହି ହିମ ନଦୀ କଣ ଏବଂ କିଭଳି ଏହା ଏଭଳି ଏକ ବଡ ଧରଣର ବନ୍ୟାର କାରଣ ସାଜିଲା ତାକୁ ନେଇ ବର୍ତ୍ତମାନ ସବୁଠାରେ ଚର୍ଚ୍ଚା ଜୋର ଧରିଛି ।

## ଗ୍ଲେସିୟର୍ ହ୍ରଦ ବନ୍ୟା

ପାହାଡ଼ର ଉଚ୍ଚ ସ୍ଥାନରେ ଥିବା ଗ୍ଲେସିୟର୍ ବା ବରଫ ନଦୀ ଯେତେବେଳେ ତରଳିବାକୁ ଲାଗେ, ସେତେବେଳେ ସେଗୁଡ଼ିକର ଜଳ ଆଖପାଖର ତଳିଆ ଅଞ୍ଚଳ କିମ୍ବା କୌଣସି ପାହାଡ଼ିଆ କାନ୍ଥର ସାହାରାରେ ଜମା ହେବାକୁ ଲାଗେ । ଏହା ଧୀରେ ଧୀରେ ଏକ ହ୍ରଦର ରୂପ ନିଏ, ଯାହାକୁ 'ଗ୍ଲେସିଆଲ୍ ଲେକ୍' ବା ଗ୍ଲେସିୟର୍ ହ୍ରଦ କୁହାଯାଏ । ଏହି ହ୍ରଦ ଗ୍ଲେସିୟର୍‌ର ସମ୍ମୁଖରେ କିମ୍ବା ଏହାର ତଳ ସ୍ତରରେ ମଧ୍ୟ ସୃଷ୍ଟି ହୋଇପାରେ । ଏହି ହ୍ରଦଗୁଡ଼ିକୁ ବରଫ, ପାହାଡ଼ର ମାଟି-ପଥର କିମ୍ବା ଚଟାଣର ଏକ ପ୍ରାକୃତିକ କାନ୍ଥ ବା 'ବନ୍ଧ' ଅଟକାଇ ରଖିଥାଏ । ଯେତେବେଳେ ଏହି କାନ୍ଥ କୌଣସି କାରଣରୁ ହଠାତ୍ ଭାଙ୍ଗିଯାଏ, ସେତେବେଳେ ହ୍ରଦରେ ଜମା ହୋଇ ରହିଥିବା ଲକ୍ଷ ଲକ୍ଷ କ୍ୟୁବିକ୍ ମିଟର ଜଳ ଅତ୍ୟନ୍ତ ତୀବ୍ର ବେଗରେ ନିୟନ୍ତ୍ରଣ ବାହାରକୁ ଚାଲିଆସି ତଳ ଆଡ଼କୁ ବହିବାକୁ ଲାଗେ । ଏହାକୁ ହିଁ 'ଗ୍ଲେସିଆଲ୍ ଲେକ୍ ଆଉଟ୍‌ବର୍ଷ୍ଟ ଫ୍ଲଡ୍' କିମ୍ବା 'ଗ୍ଲେସିୟର୍ ହ୍ରଦ ବନ୍ୟା' କୁହାଯାଏ । ଗଲ୍ଫରେ ଜଳ ପ୍ରବାହର ବେଗ ସାଧାରଣ ବର୍ଷା ଜନିତ ବନ୍ୟା ତୁଳନାରେ ଅନେକ ଗୁଣ ଅଧିକ ହୋଇଥାଏ, ଯାହା ଫଳରେ ଏହା ରାସ୍ତାରେ ଆସୁଥିବା ପ୍ରତ୍ୟେକ ଜିନିଷକୁ ଅତ୍ୟନ୍ତ ଦ୍ରୁତ ଗତିରେ ଭସାଇ ନେଇଯାଇଥାଏ ।

**ନେପାଳରେ ଉପୁଜୁଥିବା ଦୈବି ଦୁର୍ବିପାକ ସାରା ବିଶ୍ୱକୁ ସ୍ତବ୍ଧ କରିଛି, ଏହାର କରୁଣ କାହାଣୀ ବିଶ୍ୱର ପ୍ରତିଟି ଲୋକର ହୃଦୟକୁ ଦୋହଲାଇ ଦେଇଛି । ନେପାଳର ଜଳପ୍ରଳୟ ବର୍ତ୍ତମାନ ସାରା ବିଶ୍ୱ ପାଇଁ ପାଲଟିଛି ଏକ ସତର୍କ ଘଣ୍ଟି ।**

## କାରଣ

ଗ୍ଲୋବାଲ୍ ୱାର୍ମିଂ ଯୋଗୁଁ ଉଚ୍ଚ ପାର୍ବତ୍ୟାଞ୍ଚଳର ତାପମାତ୍ରା ବୃଦ୍ଧି ପାଇ ଗ୍ଲେସିୟର୍‌ଗୁଡ଼ିକ ଦ୍ରୁତ ଗତିରେ ତରଳିବା, ଭୂସ୍ଖଳନ କିମ୍ବା ହିମସ୍ଖଳନ ଯୋଗୁଁ ବିଶାଳ ବରଫ ଓ ପଥର ଖଣ୍ଡ ହ୍ରଦରେ ପଡ଼ିବା । ପ୍ରବଳ ବର୍ଷା ଯୋଗୁଁ ଜଳସ୍ତର ବୃଦ୍ଧି ପାଇ ପ୍ରାକୃତିକ ବନ୍ଧ ଭାଙ୍ଗିଯିବା ଭଳି ୩ଟି ମୁଖ୍ୟ କାରଣରୁ ଗ୍ଲେସିୟର୍ ହ୍ରଦଗୁଡ଼ିକ ହଠାତ୍ ଫାଟି ବ୍ୟାପକ ସାମୁଦ୍ରିକ ଓ ନଦୀୟ ବନ୍ୟା

## ଚା ପାଇଁ ବଞ୍ଚିଗଲା ଜୀବନ

କାଠମାଣ୍ଡୁରୁ ତିନୋଟି ବସ୍‌ରେ ଯାତ୍ରା କରୁଥିବା ଜଣେ ତୀର୍ଥଯାତ୍ରୀ ନିଜ ଅନୁଭୂତି ସେୟାର୍ କରି କହିଛନ୍ତି ଯେ ରାସ୍ତାରେ ସେମାନଙ୍କ ଗ୍ରୁପ୍ ଚା' ପିଇବା ପାଇଁ କିଛି ସମୟ ଅଟକିଯିବା ସେମାନଙ୍କ ପାଇଁ ଜୀବନଦାନ ସାବ୍ୟସ୍ତ ହୋଇଥିଲା । କାରଣ ସେମାନଙ୍କଠାରୁ ମାତ୍ର ଆଧା ଘଣ୍ଟା ଆଗରୁ ବାହାରିଥିବା ଅନ୍ୟ ଦୁଇଟି ବସ୍ ବନ୍ୟାର ପ୍ରବଳ ସ୍ରୋତରେ ସମ୍ପୂର୍ଣ୍ଣ ଭାସିଯାଇଥିଲା, ହେଲେ ସେମାନେ ବଞ୍ଚିଯାଇଥିଲେ ।





ସୃଷ୍ଟି କରୁଛନ୍ତି। ପ୍ରସିଦ୍ଧ ବିଜ୍ଞାନ ପତ୍ରିକା 'ନେଚର୍'ର ରିପୋର୍ଟ ଅନୁଯାୟୀ, ତାପମାତ୍ରା ଏହିପରି ବୃଦ୍ଧି ପାଇଲେ ଆସନ୍ତା ୭୦ ବର୍ଷ ମଧ୍ୟରେ ହିମାଳୟ-କାରାକୋରମ୍ ଅଞ୍ଚଳର ୬୫ ପ୍ରତିଶତ ବରଫ ସମ୍ପୂର୍ଣ୍ଣ ଶେଷ ହୋଇଯିବ । ଯାହା ନୂଆ ହ୍ରଦ ସୃଷ୍ଟି କରିବା ସହ ପୁରୁଣା ହ୍ରଦଗୁଡ଼ିକର ଆକାର ବୃଦ୍ଧି କରିବ । ଏହି ଅଞ୍ଚଳରେ ପୂର୍ବରୁ ଘଟିଥିବା ୩୮୮ରୁ ଉର୍ଦ୍ଧ୍ୱ ଗଲ୍ଫ ଘଟଣାରେ ହିମସ୍ଖଳନକୁ ସବୁଠାରୁ ବଡ଼ କାରଣ ଭାବେ ଦର୍ଶାଯାଇଥିବା ବେଳେ ଗତ ଜୁଲାଇ ମାସରେ ପ୍ରବଳ ବର୍ଷା ଯୋଗୁଁ ଜଳ ଜମି ନୂତନ ହ୍ରଦ ସୃଷ୍ଟି ହୋଇ ଭୋଟେକୋଶୀ ନଦୀରେ ବନ୍ୟା ଆସିଥିଲା । ଏତଦ୍‌ବ୍ୟତୀତ ଭୂକମ୍ପ, ବୃକ୍ଷରୋପଣ ହ୍ରାସ, ପାହାଡ଼ ଖନନ ଏବଂ ହାଇଡ୍ରୋପାୱାର ପ୍ରକଳ୍ପ ଭଳି ମାନବକୃତ କାରଣଗୁଡ଼ିକ ମଧ୍ୟ ପାର୍ବତ୍ୟାଞ୍ଚଳର ପ୍ରାକୃତିକ ସନ୍ତୁଳନ ବିଗାଡ଼ି ଏହି ବନ୍ଧଗୁଡ଼ିକୁ ଭାଙ୍ଗିବାରେ ମୁଖ୍ୟ ଭୂମିକା ଗ୍ରହଣ କରୁଛନ୍ତି ।

## ଭାରତ ପ୍ରତି ରହିଛି କି ବିପଦ

ଗତ ଅଗଷ୍ଟ ୨୬ ତାରିଖ ସକାଳେ ତିବ୍ବତ ସୀମାନ୍ତ ନେପାଳର ରସୁୱା ଜିଲ୍ଲାସ୍ଥିତ ଭୋଟେକୋଶୀ ନଦୀରେ ଆସିଥିବା ଆକସ୍ମିକ 'ଗ୍ଲେସିୟର୍ ଲେକ୍ ଆଉଟ୍‌ବର୍ଷ୍ଟ ଫ୍ଲଡ୍' ଯୋଗୁଁ ଶତାଧିକଙ୍କର ମୃତ୍ୟୁ ଘଟିବା ସହ ଭାରତ ଓ ଆମେରିକା ସମେତ ୨୬ଟି ଦେଶର ୪ ହଜାରରୁ ଉର୍ଦ୍ଧ୍ୱ ନାଗରିକ ନିଖୋଜ ଅଛନ୍ତି । ତେବେ ଗତବର୍ଷ ଜୁଲାଇ ୨୦୨୫ରେ ମଧ୍ୟ ଏହି ଅଞ୍ଚଳରେ ତାପମାତ୍ରା ବୃଦ୍ଧି ଯୋଗୁଁ ଗ୍ଲେସିୟର୍ ହ୍ରଦ ଫାଟି ୯ ଜଣଙ୍କ ଜୀବନ ଯାଇଥିବା ବେଳେ ଏବେ ଭାରତର ୬ଟି ରାଜ୍ୟ ପ୍ରତି ମଧ୍ୟ ଏହି ବିପଦ ବୃଦ୍ଧି ପାଇଛି । ଆଇଆଇଟି ରୋପଡ୍ ଏବଂ ସିଡ୍‌ନୀର ୟୁନିଭରସିଟି ଅଫ୍ ଟେକ୍ନୋଲୋଜିର ଏକ ସମ୍ପ୍ରତିକ ମିଳିତ ଅଧ୍ୟୟନ ଅନୁଯାୟୀ, ହିମାଚଳ ପ୍ରଦେଶରେ ୧୯୯୦ ମସିହାରେ ମାତ୍ର ୧୦୭ଟି ଗ୍ଲେସିୟର୍ ହ୍ରଦ ଥିବା ବେଳେ ୨୦୨୪ ସୁଦ୍ଧା ଏହା ୫୨୫% ବୃଦ୍ଧି ପାଇ ୬୬୯ରେ ପହଞ୍ଚିଛି । ଯେଉଁଥିରୁ ୮୮ଟି ହ୍ରଦ ପ୍ରତି ହିମ ବନ୍ୟାର ଗୁରୁତର ଆଶଙ୍କା ରହିଛି । ଗବେଷକଙ୍କ ମଡେଲିଂ ଅନୁଯାୟୀ, ବ୍ୟାସ ବେସିନ୍‌ର ହିମ୍‌ସୁ ହ୍ରଦ ଭାଙ୍ଗିଲେ ପ୍ରତି ସେକେଣ୍ଡରେ ୧୪ ଲକ୍ଷ ଲିଟର ଏବଂ ସତଲେଜ୍ ବେସିନ୍‌ର ହ୍ରଦରୁ ୩୫ ଲକ୍ଷ ଲିଟର ଜଳର ବିଶାଳ ପ୍ରବାହ ସୃଷ୍ଟି ହୋଇ ୫୮୮ଟି ନିର୍ମାଣ ଓ ଜଳବିଦ୍ୟୁତ୍ ପ୍ରକଳ୍ପକୁ ଧ୍ୱଂସ କରିପାରେ । ଆଇଆଇଟି ଖଡ଼ଗପୁରର ଜୁଲାଇ ୨୦୨୬ ରିପୋର୍ଟ ଅନୁସାରେ, ଗତ ୨୦ ବର୍ଷରେ ଉଚ୍ଚ ପାର୍ବତ୍ୟାଞ୍ଚଳର ତାପମାତ୍ରା ୧ ଡିଗ୍ରୀ ସେଲ୍‌ସିୟସ୍ ବୃଦ୍ଧି ପାଇବା ଯୋଗୁଁ ବରଫ ଦ୍ରୁତ ଗତିରେ ତରଳି ନଦୀଗୁଡ଼ିକର ସ୍ୱାଭାବିକ ପ୍ରବାହକୁ ବିପନ୍ନ କରୁଛି ।

## ଭାଇରାଲ ସବୁଜ ଘର

ନେପାଳରେ ଆସିଥିବା ପ୍ରଳୟଙ୍କରୀ ବନ୍ୟା ଭିତରେ ନୁୱାକୋଟ୍ ଜିଲ୍ଲା ନଦୀ କୂଳରେ ଥିବା ୪୦ ବର୍ଷର ଏକ ସବୁଜ ରଙ୍ଗର ଘର ସୁରକ୍ଷିତ ରହି ସୋସିଆଲ ମିଡିଆରେ 'ଚମତ୍କାରୀ ଘର' ଭାବେ ବେଶ୍ ଭାଇରାଲ୍ ହୋଇଛି । ଘରର ମାଲିକ ପ୍ରକାଶଙ୍କ କହିବା ଅନୁଯାୟୀ, ନଦୀ ନିକଟରେ ନିର୍ମାଣ ସମୟରେ ଏହାର ମଜବୁତ୍ ନିଅଁ ଉପରେ ବିଶେଷ ଧ୍ୟାନ ଦିଆଯାଇଥିଲା ଏବଂ ଘର ତଳେ ରାସ୍ତା ନିର୍ମାଣରେ ବ୍ୟବହୃତ ହେଉଥିବା ସାମଗ୍ରୀର ୨-୩ଟି ସ୍ତର ପକାଯାଇଥିବା ଯୋଗୁଁ ହିଁ ଏହା ବନ୍ୟାରେ ସୁରକ୍ଷିତ ରହିଥିଲା । ବନ୍ୟା ଆସିବା ସମୟରେ ଘର ବାହାରେ ଥିବା ଗାଡ଼ି ପ୍ରବଳ ସ୍ରୋତରେ ଭାସିଯିବାରୁ ପ୍ରକାଶ ତୁରନ୍ତ ଘର ଭିତରକୁ ପଶି ଆସିଥିଲେ । ତାଙ୍କ ପରିବାରର ୫ ଜଣ ସଦସ୍ୟଙ୍କ ସହ ଘରର ସବୁଠାରୁ ଉଚ୍ଚ ଅଂଶକୁ ଚାଲିଯାଇ ପ୍ରାୟ ଦେଢ଼ ଘଣ୍ଟା ଧରି ଫସି ରହିଥିଲେ । ପରବର୍ତ୍ତୀ ସମୟରେ ଜଳସ୍ତର ସାମାନ୍ୟ କମିବାରୁ ସ୍ଥାନୀୟ ଲୋକମାନେ ଅନ୍ୟ ଏକ କୋଠା ସହ ପାଇପ୍ ଓ ଦଉଡ଼ି ବାନ୍ଧି ସେହି ଉଦ୍ଧାର ବାଟ ଦେଇ ଗୋଟିଏ ପରିବାରର ସମସ୍ତ ୬ ଜଣ ସଦସ୍ୟଙ୍କୁ ସୁରକ୍ଷିତ ଭାବେ ବାହାରକୁ ଆଣିଥିଲେ ।

## ଅଳ୍ପକେ ବଞ୍ଚିଗଲେ ୧୬୦୦ ଛାତ୍ର

ନିକଟରେ ନେପାଳର ତ୍ରିଶୂଳୀ ନଦୀରେ ଆସିଥିବା ପ୍ରଳୟଙ୍କରୀ ବନ୍ୟା ସମୟରେ ତ୍ରିଭୁବନ ସେକେଣ୍ଡାରୀ କୋ-ଏଜୁକେସନାଲ୍ ସ୍କୁଲର ପ୍ରିନ୍ସିପାଲ୍ ରାଜେନ୍ଦ୍ର ଦୱାଡ଼ୀଙ୍କ ତୁରନ୍ତ ପଦକ୍ଷେପ ଯୋଗୁଁ ପ୍ରାୟ ୧,୬୦୦ ଛାତ୍ରଛାତ୍ରୀ ଅଳ୍ପକେ ରକ୍ଷା ପାଇଥିବା ବେଳେ ତାଙ୍କ ଆଖି ସାମ୍ନାରେ ସମଗ୍ର ସ୍କୁଲ୍ କୋଠାଟି ବନ୍ୟାରେ ଭାସିଯାଇଛି। ଉପରମୁଣ୍ଡରୁ ବନ୍ୟା ଆସୁଥିବାର ଖବର ପାଇବା ପରେ ସେ ସ୍କୁଲ୍ ଘଣ୍ଟିକୁ କ୍ରମାଗତ ଭାବେ ବଜାଇ ବିପଦର ଆଲାର୍ମ ଦେବା ସହ ସମସ୍ତ ପିଲାଙ୍କୁ ସୁରକ୍ଷିତ ସ୍ଥାନକୁ ପଠାଇ ଦେଇଥିଲେ ।



# କ୍ରୁଜଙ୍କ କ୍ରସ

**ନିଜର ବୋଲ୍ଡ ଅନ୍ଦାଜ ପାଇଁ ପରିଚିତ ମଲ୍ଲିକା ସେରାୱତ ବର୍ତ୍ତମାନ ନିଜର ରିଆଲିଟି ଶୋ ପାଇଁ ଚର୍ଚ୍ଚାରେ ଅଛନ୍ତି । ତେବେ ଏହାରି ଭିତରେ ହଲିଉଡ ଷ୍ଟାର ଟ୍ରମ କ୍ରୁଜଙ୍କୁ ନେଇ ସେ ଏକ ମନ୍ତବ୍ୟ ଦେଇଛନ୍ତି ଯାହାକୁ ନେଇ ସୋସିଆଲ ମିଡିଆରେ ଖୁବ ଆଲୋଚନା ହେଉଥିବା ଦେଖିବାକୁ ମିଳୁଛି ।**



ରିଆଲିଟି ସୋ' 'ଦି ଟ୍ରେଟର୍ସ ୨'ର ପ୍ରିମିୟର ପୂର୍ବରୁ ବଲିଉଡ୍ ଅଭିନେତ୍ରୀ ମଲ୍ଲିକା ସେରାୱତ ନିଜର ଏକ ସୋସିଆଲ ମିଡିଆ ଭିଡିଓକୁ ନେଇ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି । ଶୋ'ର ଅନ୍ୟ ପ୍ରତିଯୋଗୀମାନଙ୍କ ସହ କଥାବାର୍ତ୍ତା ବେଳେ ସେ ହଲିଉଡର ମେଗାଷ୍ଟାର ଟମ୍ କ୍ରୁଜ୍‌ଙ୍କୁ ନେଇ ଏକ ଖୁଲାସା କରିଛନ୍ତି । କମେଡିଆନ୍ ଆଦିତ୍ୟ କୁଲଶ୍ରେଷ୍ଠ ଯେତେବେଳେ ମଲ୍ଲିକାଙ୍କୁ ପଚାରିଥିଲେ ଯେ ତାଙ୍କର କାହା ଉପରେ କ୍ରସ୍ ଅଛି କି ନାହିଁ, ସେତେବେଳେ ମଲ୍ଲିକା ଦେଇଥିବା ଉତ୍ତରକୁ ନେଇ ଏହି ଚର୍ଚ୍ଚା ଆରମ୍ଭ ହୋଇଛି । ମଲ୍ଲିକା କହିଥିଲେ ଯେ , ସମସ୍ତେ ତାଙ୍କ ପ୍ରେମରେ ପଡ଼ନ୍ତି । ଆଜିକାଲି ହଲିଉଡ୍ ସୁପରଷ୍ଟାର୍ ଟମ୍ କ୍ରୁଜ୍‌ଙ୍କର ମଧ୍ୟ ତାଙ୍କ ଉପରେ କ୍ରସ୍ ଅଛି । ଏପରିକି ସେ ମିଛ କହୁନାହାନ୍ତି ଏବଂ ତାଙ୍କ ପାଖରେ ଫୋନ୍ ଥିଲେ ସେ ଟମ୍ କ୍ରୁଜ୍‌ଙ୍କ ଭିଡିଓ ଦେଖାଇପାରିଥାନ୍ତେ ବୋଲି ମଲ୍ଲିକା କହୁଥିବା ଦେଖିବାକୁ ମିଳୁଛି । ହରିୟାଣାର ଏକ ସାଧାରଣ ପରିବାରରେ 'ରୀମା ଲାମ୍ବା' ଭାବେ ଜନ୍ମଗ୍ରହଣ କରିଥିବା ମଲ୍ଲିକାଙ୍କ ପାଇଁ ଗ୍ଲାମର ଜଗତରେ ପାଦ ଥାପିବା ଆଦୌ ସହଜ ନଥିଲା । ରକ୍ଷଣଶୀଳ ପରିବାର ଓ ସମାଜର କଟକଣାକୁ ଏଡ଼ାଇ ସେ ନିଜ ସ୍ୱପ୍ନ ପୂରଣ କରିବା ପାଇଁ ମୁମ୍ବାଇ ଆସିଥିଲେ ଏବଂ ନିଜ ନାମ ବଦଳାଇ 'ମଲ୍ଲିକା ସେରାୱତ' ରଖିଥିଲେ । କ୍ୟାରିୟରର ପ୍ରାରମ୍ଭିକ ଦିନରେ ସେ ଅନେକ ପ୍ରତ୍ୟାଖ୍ୟାନ ଓ ଆହ୍ୱାନର ସାମ୍ନା କରିଥିଲେ । ତେବେ ୨୦୦୩ ମସିହାରେ 'ଖ୍ୱାହିସ୍' ଏବଂ ୨୦୦୪ ମସିହାରେ ମୁକ୍ତିଲାଭ କରିଥିବା ସୁପରହିଟ୍ ଫିଲ୍ମ 'ମର୍ଡ଼ର' ତାଙ୍କ କ୍ୟାରିୟରର ଟର୍ଣ୍ଣିଂ ପଏଣ୍ଟ ସାଜିଥିଲା । ଫିଲ୍ମ 'ମର୍ଡ଼ର'ରେ ତାଙ୍କର ସାହସିକ ଓ ବିନ୍ଦାସ୍ ଅଭିନୟ ତାଙ୍କୁ ରାତାରାତି ଚର୍ଚ୍ଚାର ଶୀର୍ଷରେ ପହଞ୍ଚାଇବା ସହ ବଲିଉଡ୍‌ର ଜଣେ ଜଣାଶୁଣା ଚେହେରା ଭାବେ ସ୍ଥାପିତ କରିଥିଲା । ବୋଲ୍ଡ ଅଭିନେତ୍ରୀର ଟ୍ୟାଗ୍ ମିଳିବା ସତ୍ତ୍ୱେ ସେ କେବଳ ଏଥିରେ ସୀମିତ ରହିନଥିଲେ, ବରଂ 'ପ୍ୟାର କେ ସାଇଡ୍ ଇଫେକ୍ଟସ' ଏବଂ 'ୱେଲକମ୍' ଭଳି ବ୍ଲକବଷ୍ଟର କମେଡି ଫିଲ୍ମରେ ନିଜର ଅଭିନୟ ଦକ୍ଷତା ପ୍ରମାଣିତ କରିଥିଲେ । ଏହାପରେ ସେ ଅନ୍ତର୍ଜାତୀୟ ସ୍ତରରେ ନିଜର ପରିଚୟ ସୃଷ୍ଟି କରି ହଲିଉଡ୍ ଫିଲ୍ମ 'ଦି ହିସ୍' ଏବଂ ଜ୍ୟାକି ଚାନ୍‌ଙ୍କ ସହ 'ଦି ମିଥ୍' ଭଳି ପ୍ରୋଜେକ୍ଟରେ କାମ କରି ବିଦେଶରେ ମଧ୍ୟ ପ୍ରଶଂସା ସାଉଣ୍ଟିଥିଲେ । ଅନେକ ସମାଲୋଚନା ଓ ପ୍ରତିବନ୍ଧକ ସତ୍ତ୍ୱେ ନିଜ କଠିନ ପରିଶ୍ରମ ବଳରେ ସେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସଫଳ ହୋଇ ପାରିଛନ୍ତି ।